

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୫୬ ଭୁବନେଶ୍ୱର ମଙ୍ଗଳବାର, ଫେବୃୟାରୀ ୧୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.156 Bhubaneswar, Tuesday, Februarry 18, 2025




# ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ୍

- ସୁଭଦ୍ରା ଯୋଜନା ବ୍ୟୟବରାଦ ୧୧୧୮୬ କୋଟିରୁ ୧୦୧୪୫କୋଟିକୁ ହ୍ରାସ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପାଣ୍ଠିକୁ ୬୦୯୦କୋଟି ଟଙ୍କାରୁ ୪୫୦୦କୋଟି ଟଙ୍କାକୁ କମିଲା
- ଆର୍ଥିକ ବର୍ଷରେ ମୋଟ ୪୬୩୯୯କୋଟି ଟଙ୍କାର ଋଣ ସଂଗ୍ରହ ପାଇଁ ଲକ୍ଷ୍ୟ
- ରାଜ୍ୟରେ ମୁଣ୍ଡପିଛା ଋଣବୋଝ ୨୮୭୦୫ଟଙ୍କା ହେବ
- ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟକୁ ହାସଲ କରିବାକୁ ମୋହନ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି

ଭୁବନେଶ୍ୱର, ୧୭/୨: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ରାଜ୍ୟର ବିଜେପି ସରକାର ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାରରେ ୨୫ହଜାର କୋଟି ଟଙ୍କାର ବୃଦ୍ଧି କରିଛନ୍ତି । ବଜେଟରେ ୧୬ଟି ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟୟବରାଦ କରିଛନ୍ତି ଓ ପୁରୁଣା ସ୍କିମଗୁଡ଼ିକୁ ଜାରି ରଖିବା ପାଇଁ ବଜେଟର ୫୮.୬ ପ୍ରତିଶତ ଅର୍ଥାତ ୧.୭୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଆକଳନ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୪୬୩୯୯କୋଟି ଟଙ୍କାର ଋଣ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ବର୍ଷ ଶେଷବେଳକୁ ଋଣବୋଝ ୧ଲକ୍ଷ ୩୪ହଜାର ୯୧୪କୋଟି ଟଙ୍କା ଛୁଇଁବ ବୋଲି ଜଣାପଡ଼ିଛି । ବଜେଟକୁ ସରକାର ଚିରାଚରିତ ଢଙ୍ଗରେ ରାଜସ୍ୱ ବଳକା ଓ ବିତ୍ତୀୟ ନିଅଂଟିଆ ବଜେଟ ବୋଲି ଦର୍ଶାଇଛନ୍ତି । ଅବଶ୍ୟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ବଜେଟ୍ ତୁଳନାରେ ୦.୧% ଅଧିକ ରହିଛି ଓ ୨୦୨୫-୨୬ ବଜେଟରେ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩.୨% ଅର୍ଥାତ୍ ୩୪୨୦୦କୋଟି ଟଙ୍କା ରହିବ ବୋଲି ଆକଳନ ହୋଇଛି । ରାଜ୍ୟ ସରକାର ନିଜର ବଜେଟର ଆକାରକୁ ୨୫ହଜାର କୋଟି ଟଙ୍କା ବଢ଼ାଇଛନ୍ତି ତଥା ଏହି ବର୍ଦ୍ଧିତ ଟଙ୍କାକୁ ୨୦୨୫-୨୬ରେ କାର୍ଯ୍ୟକ୍ଷମ ହେବାକୁ ଥିବା ନୂଆ ଖଣି, ଜିଏସଟି, ଅବକାରୀ ଟିକସ, ବିଦ୍ୟୁତ ଶୁଳ୍କ,ଭ୍ୟାଟ୍ ସମେତ ପ୍ରାୟ ୪ହଜାର କୋଟି ଅଧିକ ଋଣ ଆହରଣ ଓ ୧୩ହଜାର କୋଟି ଟଙ୍କାର ଅଧିକ କେନ୍ଦ୍ରୀୟ ଅନୁଦାନରୁ ଭରଣା କରିବେ ବୋଲି ଜଣାପଡ଼ିଛି ।ସୋମବାର ବିଧାନସଭାରେ ରାଜ୍ୟ ଅର୍ଥ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୯୦ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଏହା ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ । ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ଶ୍ରୀ ମାଝୀ ୨୦୨୪-୨୫ରେ ପ୍ରଥମଥର ପାଇଁ ୨.୬୫ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତ ବଜେଟ ପଢ଼ିବାରେ ୨ ଘଣ୍ଟା ୪୩ ମିନିଟ ସମୟ ନେଇଥିଲେ। ନିଜର ପ୍ରଥମ ବଜେଟ ଅଭିଭାଷଣ(୨୦୨୪ ଜୁଲାଇ ୨୫)ର ଅବଧି ୨ ଘଣ୍ଟା ୯ ମିନଟରେ ସୀମିତ ରଖିଥିଲେ ଶ୍ରୀ ମାଝୀ। ରାଜ୍ୟର ସମୃଦ୍ଧି, ଅଭିବୃଦ୍ଧି ଓ ରୋଜଗାର ବୃଦ୍ଧି ଲକ୍ଷ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଜି ବଜେଟ୍ ଉପସ୍ଥାପନ ହୋଇଛି। ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରିଛନ୍ତି। ଯାହାର ପରିମାଣ ରହିଛି ୨ ଲକ୍ଷ ୯୦ ହଜାର କୋଟି ଟଙ୍କା। ମୋହନ ମାଝୀ ତାଙ୍କ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ୧୬ଟି ନୂଆ ଯୋଜନା ଘୋଷଣା କରିଛନ୍ତି । ତା'ମଧ୍ୟରେ ରହିଛି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ।'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ ଗରିବ ଝିଅଙ୍କୁ ସରକାର ସାମୁହିକ ବିବାହ କରାଇବେ। ଉପହାର ମଧ୍ୟ ପ୍ରଦାନ କରିବେ। ତା'ସହ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସବୁ ସଦର ମହକୁମାରୁ ମାଗଣାରେ ଲୋକେ ପୁରୀ ଆସି ଜଗନ୍ନାଥ ଦର୍ଶନ କରିବେ ଓ ମାଗଣା ଅବଢ଼ା ଖାଇ ଫେରିବେ। ଠିକ୍ ସେମିତି ପ୍ରସ୍ତାବିତ ଅନ୍ୟ ସବୁ ନୂଆ ଯୋଜନା ଗୁଡ଼ିକ ହେଲା; ଅନ୍ତ୍ୟୋଦୟ ଗୃହ ଯୋଜନା। ଯେଉଁଥିରେ ଖର୍ଚ୍ଚ ହେବ ୨୬୦୩ କୋଟି ।ସେହିପରି ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୨ କୋଟି, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନାରେ ୫୨୬ କୋଟି, ଓଡ଼ିଶା ପୁଷ୍ଟି ମିଶନ ପ୍ରତିଷ୍ଠା ପାଇଁ ୧୦୦ କୋଟି, ମାଳତୀ ଦେବୀ ପ୍ରାକ ବିଦ୍ୟାଳୟ ପରିଧାନ ଯୋଜନାରେ ୮୫ କୋଟି, ଗଙ୍ଗାଧର ମେହେର ଶିକ୍ଷା ମାନ ବୃଦ୍ଧି ଯୋଜନାରେ ୧୯୩ କୋଟି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ୟୁନିଫର୍ମ ପାଇଁ ୧୯୪ କୋଟି, ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୧୮୦ କୋଟି, ନୂଆ ଓଡ଼ିଶା ଯୋଜନା ପାଇଁ ୧୩୫ କୋଟି, ଅଟଳ ବସ୍ ଷ୍ଟାଣ୍ଡ ପାଇଁ ୧୨୬୬ କୋଟି, ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ସମୃଦ୍ଧ ସହର ପାଇଁ ୪୦୮ କୋଟି ଓ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି ।ଏଥର ବଜେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ୬, ୨୪୯ କୋଟି ବ୍ୟୟ ଅଟକଳ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପାଇଁ ୪୯୨ କୋଟିର ବ୍ୟୟବରାଦ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ପରିବହନ ଯୋଜନା ଲାଗି ୧ ହଜାର ୮୫ କୋଟି ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପାଇଁ ୩ ହଜାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରହିଛି। ନୂତନ ସେତୁ ପ୍ରକଳ୍ପ ବାବଦରେ ୨ ହଜାର କୋଟିର ବ୍ୟୟ ବରାଦ ରହିଛି। ରାଜଧାନୀ ଭୁବନେଶ୍ୱରରେ ଯାନବାହାନ ଭିଡ଼ ରୋକିବାକୁ ଆଉଟର ରିଂ ରୋଡ୍ ନିର୍ମାଣ ପାଇଁ ୧୩ ହଜାର କୋଟି ଖର୍ଚ୍ଚ ହେବ। ସବୁ ରାଜ୍ୟ ରାଜପଥକୁ ୪ ଲେନ କରାଯିବା ନିଷ୍ପତ୍ତି ହୋଇଛି। ନୂଆକରି ୩ ହଜାର କିମି ରାସ୍ତା ନିର୍ମାଣ କରାଯିବ। ଯେଉଁଥିରେ ୬ ହଜାର ୫୦୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ବଜେଟ୍‌ରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

## ୧୬ ନୂଆ ଯୋଜନା

- ଅନ୍ତ୍ୟୋଦୟ ଗୃହ ଯୋଜନା-୨୬୩୦କୋଟି ଟଙ୍କା
- ସୁଭଦ୍ରା ସୁରକ୍ଷା ଯୋଜନା-୧୫୩କୋଟି
- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା- ୩୦କୋଟି
- ଉତ୍ତର ଓଡ଼ିଶା ବିକାଶ ପରିଷଦ-୨୦୦କୋଟି ଟଙ୍କା
- ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ-୨୦୦କୋଟି ଟଙ୍କା
- ଓଡ଼ିଶା ପୃଷ୍ଟି ମିଶନ-୧୦୦କୋଟି ଟଙ୍କା
- ବକୁଳ ବନ ଉନ୍ନୟନ- ୫୦କୋଟି
- ଆମ ଶିମିଳିପାଳ- ୫୦କୋଟି
- ମଡେଲ ମଣ୍ଡି-୫୦କୋଟି
- ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ-୧୦୦କୋଟି
- ଓଡ଼ିଶା ପ୍ରବାସୀ ଓ ସମ୍ପର୍କ- ୧୦କୋଟି
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା-୧୨କୋଟି(ସାମୁହିକ ମାଗଣା ବିବାହ)
- ସ୍ୱଚ୍ଛ ଓଡ଼ିଶା -୨୬୧କୋଟି ଟଙ୍କା
- ଆମେ ପଢ଼ିବା ଆମ ଭାଷାରେ-୨୫କୋଟି ଟଙ୍କା
- ସମୃଦ୍ଧ ସହର- ୪୦୮କୋଟି ଟଙ୍କା
- ଅଟଳ ବସ ଷ୍ଟାଣ୍ଡ- ୧୨୬୬ କୋଟି

## ୫ ବିଭାଗକୁ ସର୍ବାଧିକ ବ୍ୟୟ ବରାଦ

୧) ଅର୍ଥ ବିଭାଗକୁ ୬୩୫୧୧.୯୧ କୋଟି
୨) ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ- ୩୧୧୮୫.୪୭ କୋଟି
୩) ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ- ୨୮୪୫୧ କୋଟି
୪) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ- ୨୨୭୪୧ କୋଟି
୫) ଜଳ ସମ୍ପଦ ବିଭାଗ- ୧୪,୮୯୪ କୋଟି ବ୍ୟୟ ବରାଦ ହୋଇଛି

# ୧.୩୪ ଲକ୍ଷ କୋଟିରେ ପହଞ୍ଚିଲା ଓଡ଼ିଶାର ମୋଟ ଋଣ



ଭୁବନେଶ୍ୱର, ୧୭/୨ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଦି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି । ଏହି ବଜେଟର ଆକାର ୨୦୨୪-୨୫ ବଜେଟର ଆକାର ତୁଳନାରେ ପ୍ରାୟ ୯.୪ ପ୍ରତିଶତ ଅଧିକ । ୨୦୨୪-୨୫ ବଜେଟର ଆକାର ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ ଓଡ଼ିଶାର ମୋଟ ଋଣ ପରିମାଣ ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ରାଜ୍ୟ ଜିଡିପିର ୧୨.୭% । ୨୦୨୫-୨୬ରେ ରାଜ୍ୟ ସରକାର ପ୍ରାୟ ୪୭୪୦୦ କୋଟି ଟଙ୍କାର କରଜ କରିବେ । ଓଡ଼ିଶାର ମୋଟ ଋଣ ପରିମାଣ ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ରାଜ୍ୟ ଜିଡିପିର ୧୨.୭% । ୨୦୨୫-୨୬ରେ ରାଜ୍ୟ ସରକାର ପ୍ରାୟ ୪୭୪୦୦ କୋଟି ଟଙ୍କାର କରଜ କରିବେ ।୨ ଲକ୍ଷ ୯୦ ହଜାର କୋଟି ମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ୧,୦୮,୦୦୦ କୋଟି ଟଙ୍କା ଥିବାବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧,୭୦,୦୦୦ କୋଟି ଟଙ୍କା ରହିଛି । କାର୍ଯ୍ୟକ୍ରମ ବ୍ୟୟ ମୋଟ ବଜେଟ୍ ଆକାରର ୫୮.୬୨% ରୁ ଅଧିକ ।ଏଥିରେ ମଧ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ୪ ହଜାର କୋଟି ଓ ରାଜ୍ୟ ସରକାରଙ୍କ ଦ୍ୱାରା ପାଣ୍ଠି ହସ୍ତାନ୍ତର ୮ ହଜାର କୋଟି ଅନ୍ତର୍ଭୁକ୍ତ ।

# ପୋଲିସ୍ ଗୁଳିରେ ଘାଇଲା ହେଲେ ଆନ୍ତଃରାଜ୍ୟ ଆପାର୍ଟମେଣ୍ଟ ଲୁଟେରା

ଭୁବନେଶ୍ୱର,୧୭/୨: ରାଜଧାନୀ ଉପକଣ୍ଠରେ ମଝି ରାତିରେ ଏନକାଉଣ୍ଟର କରିଛି ପୋଲିସ । ପ୍ରଥମଥର ପାଇଁ କମିଶନରେଟ୍ ପୋଲିସ୍ ଗୁଳିରେ ଘାଇଲା ହୋଇଛନ୍ତି ଅନ୍ତଃରାଜ୍ୟ ଆପାର୍ଟମେଣ୍ଟ ଲୁଟେରା । ଆପାର୍ଟମେଣ୍ଟ ଲୁଟେରାଙ୍କୁ ଆଉ ମିଳିବନି ରକ୍ଷା । ଏଭଳି କଡ଼ା ସଂକେତ ଦେଇ ଭୁବନେଶ୍ୱର ଉପକଣ୍ଠରେ ଲୁଟ୍ ଯୋଜନା କରୁଥିବା ଏକ ଅନ୍ତରାଜ୍ୟ ଲୁଟେରା ଏନକାଉଣ୍ଟରରେ ଜଣଙ୍କୁ ଜଖମ କରିଛି କମିଶନରେଟ୍ ପୋଲିସ୍ । ଆହତ ଲୁଟେରାର ନାଁ ଅର୍ଜୁନ୍ । ଏହି ଗ୍ୟାଙ୍ଗ ହିଁ ବିଗତ କିଛି ମାସ ଧରି ଆପାର୍ଟମେଣ୍ଟରେ କଳାକନା ବୁଲେଇ ଫେରାର ମାରୁଥିଲେ ବୋଲି ପୋଲିସ୍ ସୂଚନା ଦେଇଛି ପୋଲିସ ।ତେବେ ଗ୍ୟାଙ୍ଗର ଅନ୍ୟ ଚାରି ଜଣ ସଦସ୍ୟ ଫେରାର ହେବାରେ ସକ୍ଷମ ହୋଇଛନ୍ତି । ଫେରାର ଥିବା ଲୁଟେରାଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଜାରି ରଖିଛି । ବାଲିଅନ୍ତା ଥାନା ପୋଲିସର ପାଟ୍ରୋଲିଂ ବେଳେ ନଜରକୁ ଆସିଥିଲେ ଦୁଇଟି ବାଇକରେ ଥିବା କିଛି ସନ୍ଦିଗ୍ଧ ମୁଖା ପିନ୍ଧା ଯୁବକ । ସ୍ପେଶାଲ୍ ସ୍କ୍ୱାଡକୁ ଖବର ଦିଆଯିବା ପରେ ମିଳିତ ଟିମ୍ ସହ ବାଲିଅନ୍ତା ଥାନା ପୁରୀ କେନାଲ ବନ୍ଧ ନିକଟରେ ଲୁଟେରା ଗ୍ୟାଙ୍ଗ ସହ ମୁହାଁମୁହିଁ ହୋଇଥିଲେ ।ପ୍ରଥମେ ଲୁଟେରାଙ୍କ ପଟୁ ଖସିଯିବା ପାଇଁ ଗୁଳିମାଡ଼ କରାଯାଇଥିଲା । ଜବାବରେ ପୋଲିସ ଗୁଳିରେ ଘାଇଲା ହୋଇଛି ଦୁର୍ଦ୍ଦାନ୍ତ ଲୁଟେରା ଅର୍ଜୁନ ଅନାରେ । କିନ୍ତୁ ରାତିର ଅନ୍ଧାରରେ



ଖସିଯିବାକୁ ସମର୍ଥ ହୋଇଛନ୍ତି ଅନ୍ୟ ୪ ସହଯୋଗୀ । ସେପଟେ ଆହତ ଅର୍ଜୁନକୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ପୋଲିସ ଗୁଳିରେ ଘାଇଲା ଅର୍ଜୁନ ମଧ୍ୟପ୍ରଦେଶର ଧାର ଜିଲ୍ଲାର ବୋଲି ଜଣାପଡିଛି । ତା ନାଁରେ ଆନ୍ଧ୍ର ଓ ତେଲେଙ୍ଗାନାରେ ଏକାଧିକ ମାମଲା ରହିଛି । ଏପରିକି ଭୁବନେଶ୍ୱରରେ ହୋଇଥିବା ୧୫ ରୁ ଉର୍ଦ୍ଧ୍ୱ ଆପାର୍ଟମେଣ୍ଟ ଲୁଟ ମାମଲାରେ ଅର୍ଜୁନ ଓ ତାର ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଜଣାପଡ଼ିଛି । ଗତବର୍ଷ ଜୁଲାଇ ମାସରେ ପାହାଳ ଓ ବାଲିଅନ୍ତା ଅଞ୍ଚଳରେ ହୋଇଥିବା ସିରିଜ୍ ଆପାର୍ଟମେଣ୍ଟ ଲୁଟରେ ଏମାନଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସନ୍ଦେହ କରୁଛି ।ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ରାଜ୍ୟ ଭିତରେ କାହା ସହ ଲିଙ୍କ୍ ଅଛି, ସେ ନେଇ ଖୋଳତାଡ଼ ଚାଲିଛି । ସେପଟେ ସାଇଣ୍ଟିଫିକ୍ ଟିମ ଉପସ୍ଥିତିରେ ଖୋଲାଯାଇଛି ଏନକାଉଣ୍ଟର ବେଳେ ଲୁଟେରା ଛାଡ଼ି ଯାଇଥିବା ଏକ ବ୍ୟାଗ । ଯାହା ଭିତରେ ସୁନା, ରୁପା ସହ ନଗଦ ଟଙ୍କା ଥିବା ଦେଖିବାକୁ ମିଳିଛି । ସେହିଭଳି ଘଟଣାସ୍ଥଳରୁ ଅର୍ଜୁନ ହାତରୁ ଖସିପଡିଥିବା ବନ୍ଧୁକ ସହ ୪ ଟି ଖୋକା, ୩ ଟି ଅଫୁଟା ଗୁଳି ମଧ୍ୟ ଜବତ୍ କରାଯାଇଛି ।ଲୁଟେରା ବ୍ୟବହୃତ କରୁଥିବା ଗାଡି ମଧ୍ୟ ଚୋରା ବୋଲି ଜଣାପଡିଛି । ଏହି ଘଟଣାରେ ୨ଟି ବାଇକ ଜବତ କରାଯାଇଛି । ଖସିଯାଇଥିବା ଅପରାଧୀଙ୍କୁ ଧରିବା ପାଇଁ ଏବେ ବି ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା କହିଛନ୍ତି ଡିସିପି । ସେପଟେ ଲୁଟେରାଙ୍କ ବିରୋଧରେ ପୋଲିସର ପଦକ୍ଷେପକୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ବାସିନ୍ଦା । କିଛିଦିନ ତଳେ ଆପାର୍ଟମେଣ୍ଟ ଲୁଟ୍ ରୋକିବାକୁ ଗଠନ ହୋଇଥିଲା ସ୍ପେଶାଲ ଆଣ୍ଟି ବର୍ଗଲାରୀ ଟିମ୍ । ଯେଉଁମାନେ ଏବେ ରାତିରେ ରାଜଧାନୀ ନିକଟରେ ପଇଁତରା ମାରୁଛନ୍ତି, ଆଉ ଅର୍ଜୁନ ଭଳି ଲୁଟେରାଙ୍କୁ ମାତ୍ ଦେବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି ।

# ଆଜିଠାରୁ +୨ ପରୀକ୍ଷା

ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି ଯୁକ୍ତ ୨ ପରୀକ୍ଷା। ପ୍ରଥମ ଦିନ ବିଜ୍ଞାନ ଛାତ୍ରଛାତ୍ରୀ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ। କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହେବ। ମାର୍ଚ୍ଚ ୨୭ ଯାଏ ଯୁକ୍ତ ଦୁଇ ପରୀକ୍ଷା ଚାଲିବାକୁ ଥିବା ବେଳେ, ୧୨ ଶହ ୭୬ ସେଣ୍ଟରରେ ପରୀକ୍ଷା ଦେବେ ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ। କଳାରେ ୨ ଲକ୍ଷ ୪୭ ହଜାର ୩୯୧, ବିଜ୍ଞାନରେ ୧ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୭୨୧ ଛାତଛାତ୍ରୀ ପରୀକ୍ଷା ଦେବେ। ଦିନ ୧୦ଟାରୁ ଅପରାହ୍ନ ୧ଟା ଯାଏଁ ହେବ ପରୀକ୍ଷା। ମୋଟ ୨୨ଟି ସିଟିଂରେ ସମସ୍ତ ପରୀକ୍ଷା ହେବ ବୋଲି CHSE ପକ୍ଷରୁ କୁହାଯାଇଛି। କପି ରୋକିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ଏବଂ ସବୁ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା ହୋଇଛି। ପରୀକ୍ଷା ସରିବା ୪୫ ଦିନ ଭିତରେ ରେଜଲ୍ଟ ବାହାର କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଶ୍ନ ପତ୍ର ଲିକ୍ ବା ଗୁଜବ କଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଥର କୌଣସି ସିଲାବସ୍ ବଦଳି ନାହିଁ, କେବଳ ପାର୍ଟନ ବଦଳିଛି ବୋଲି ସୂଚନା ମିଳିଛି। CBSE ପାର୍ଟନରେ ପରୀକ୍ଷା ହେବାକୁ ଯାଉଥିବା ବେଳେ, ସବଜେକ୍ଟିଭ ବଦଳରେ ଅବଜେକ୍ଟିଭକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

# ନିଗମ ନିଯୁକ୍ତି ପାଇଁ ନିଦ ହଜିଲାଣି

ଭୁବନେଶ୍ୱର,୧୭/୨: ଚଳିତ ମାସ ଶେଷସୁଦ୍ଧା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ବିଭିନ୍ନ କମିଶନ, ନିଗମ ଓ ଅନ୍ୟାନ୍ୟ ସଂସ୍ଥାରେ ରାଜନୈତିକ ବ୍ୟକ୍ତିବିଶେଷମାନଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇବାପରେ ଏବେ ଆଶାୟୀମାନଙ୍କ ନିଦ ହଜିଯାଇଛି । ବିଭିନ୍ନ ଦଳୀୟ ନେତା ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ନିକଟରେ ସେମାନଙ୍କ ଜୋରଦାର ଲବି ଚାଲିଥିବା ଦେଖିବାକୁ ମିଳୁଛି । ତେବେ କେଉଁଦିନ ଓ କେଉଁମାନଙ୍କୁ ଏହି ନିଯୁକ୍ତି ସବୁ ମିଳିବ ସେ ସଂକ୍ରାନ୍ତରେ କେହି କିଛି ନିର୍ଦ୍ଦିଷ୍ଟ ଭାବେ କହିବାକୁ ପସନ୍ଦ କରୁନାହାନ୍ତି । ଜୁନ୍ ? ୧୨ତାରିଖରେ ଓଡିଶାରେ ମୋହନ ମାଝିଙ୍କ ନେତୃତ୍ୱରେ ବିଜେପି ସରକାର ଗଢାଯିବାର ଇତି ମଧ୍ୟରେ ଆଠମାସ ଅତିକ୍ରମ କରିଯାଇଛି । କେବଳ ଆଡଭୋକେଟ ଜେନେରାଲଙ୍କ ସମେତ ହାଇକୋର୍ଟ ପ୍ୟାନେଲରେ କିଛି ସରକାରୀ ଓକିଲ ନିଯୁକ୍ତି, ଆଇନ୍ ? କମିଶନ ଗଠନ ଓ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ପାଇଁ କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ବ୍ୟତିତ ପ୍ରାୟତଃ ଅନ୍ୟ କୌଣସି ସଂସ୍ଥାରେ ରାଜନୈତିକ ଥଇଥାନ ନିଯୁକ୍ତି ହୋଇନାହିଁ । ବିଜେଡି ସରକାର କ୍ଷମତାଚ୍ୟୁତ ହେବା ପରେ ପରେ ଅଧିକାଂଶ ନିଗମ ଓ ଅନ୍ୟାନ୍ୟ ସଂସ୍ଥାରୁ ବିଜେଡି ନେତାମାନେ ଇସ୍ତଫା ଦେଇଛନ୍ତି । ଏମିତିକି ବିଭିନ୍ନ ସଂସ୍ଥାରେ ଉପଦେଷ୍ଟାଭାବେ ନିଯୁକ୍ତ ହୋଇଥିବା ଦଳୀୟ ନେତା ଓ ନେତ୍ରୀମାନେ ବି ପଦ ଛାଡିଛନ୍ତି । ମହିଳା କମିଶନ ଭଳି ଆଉ କେତେକ ସଂସ୍ଥାରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ସରକାର ହଟାଇ ଦେଇଛନ୍ତି । ଏହାଛଡା ରାଜ୍ୟ ଯୋଜନା ବୋର୍ଡ, ଓଡିଶା ସାହିତ୍ୟ ଏକାଡେମୀ, ସଙ୍ଗୀତନାଟକ ଏକାଡେମୀ, ଉର୍ଦ୍ଦୁ ଏକାଡେମୀ, ଭାଷା ପ୍ରତିଷ୍ଠାନ ଆଦି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡିକର ମୁଖିଆ ଓ ସଦସ୍ୟ ପଦବୀଗୁଡିକ ମଧ୍ୟ ଖାଲି ପଡିଛି । ଖଦି ବୋର୍ଡ, ଗୃହ ନିର୍ମାଣ ବୋର୍ଡ ଠାରୁ ଆରମ୍ଭକରି ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସଂସ୍ଥାରେ ମଧ୍ୟ ମୁଖ୍ୟ ପଦବୀଗୁଡିକ ଖାଲି ରହିଛି ।ନିର୍ବାଚନରେ ହାରିଥିବା ଏବଂ ନିର୍ବାଚନ ନଲଢି ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ସାଂଗଠନିକ କାର୍ଯ୍ୟ କରିଥିବା ବହୁ ବିଜେପି ନେତାଙ୍କର ଏସବୁ ପଦବୀ ଉପରେ ନଜର ରହିବା ସ୍ୱାଭାବିକ । ଏମାନଙ୍କ ବ୍ୟତିତ ଅନ୍ୟ ଦଳଗୁଡିକରୁ ଆସି ବିଜେପିରେ ମିଶିଥିବା ଆଉ କିଛି ନେତା ନେତ୍ରୀ ମଧ୍ୟ ରାଜନୈତିକ ଥଇଥାନ ପାଇଁ ଚାତକ ଭଳି ଅନାଇ ବସିଛନ୍ତି । ରାଜ୍ୟ ମନ୍ତ୍ରୀମଣ୍ଡଳରେ ମଧ୍ୟ ୬ଟି ଆସନ ଖାଲି ରହିଛି । ବିଧାନସଭାର ବଜେଟ୍ ଅଧିବେଶନ ପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ରାଜ୍ୟ ମନ୍ତ୍ରୀମଣ୍ଡଳର ପ୍ରଥମ ସମ୍ପ୍ରସାରଣ ସହ ବିଭାଗ ଅଦଳ ବଦଳ ହୋଇପାରେ ବୋଲି ଦଳୀୟ ନେତାମାନେ କହୁଥିଲେ ମଧ୍ୟ ଏହା ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ସୂଚାଉଛନ୍ତି । ନିଗମ, ବୋର୍ଡ, କମିଶନ, ଏକାଡେମୀ ଆଦିର ମୁଆଁ ଖାଇବାକୁ ଆଗ୍ରହୀ ନେତା ନେତ୍ରୀମାନେ ନିର୍ବାଚନ ପରଠାରୁ ଅପେକ୍ଷା କରି କରି ଅଧୈର୍ଯ୍ୟ ହୋଇପଡିଲେଣି । ପ୍ରଥମ ଦଫାରେ ନିଯୁକ୍ତି ନମିଳିଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପାରେ । ଏଥିପାଇଁ ଅନେକ ଆଶାୟୀ ଦଳର କେନ୍ଦ୍ରୀୟ ଓ ରାଜ୍ୟ ସଂଗଠନର ପ୍ରଭାବଶାଳୀ ନେତା, ମନ୍ତ୍ରୀ, ସାଂସଦ, ବିଧାୟକ ଆଦିଙ୍କ ନିକଟରେ ନିଯୁକ୍ତି ପାଇଁ ଜୋରଦାର ଲବି ଚଳାଉଥିବା ଦେଖାଯାଉଛି । ତେବେ ସାମ୍ପ୍ରତିକ ପରିସ୍ଥିତି ଯାହା ଅଛି ସେଥିରେ କୌଣସି ନେତା କିଛି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇନପାରୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଫୋରମରେ କଥା ଉଠାଇବେ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଉଥିବା ଦେଖାଯାଉଛି ।

# ୧୦୦୦ ଏକର ବିଶିଷ୍ଟ ଲାଣ୍ଡବ୍ୟାଙ୍କ ପ୍ରତିଷ୍ଠା କରାଯିବ
# ସ୍ଥାପନ ହେବ ୮ଟି ମଲିଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ



ଭୁବନେଶ୍ୱର,୧୭/୨ :ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଉପସ୍ଥାପିତ ବଜେଟରେ ରାଜ୍ୟରେ ଶିଳ୍ପ ବିକାଶ ଓ ପୁଞ୍ଜିନିବେଶ ଆକୃଷ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଶିଳ୍ପ ସଂସ୍ଥା ମାନଙ୍କ ପାଇଁ ଏକ ୧୦୦୦ ଏକର ବିଶିଷ୍ଟ ଲାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା କରାଯିବ । ଏଥିପାଇଁ ୧୦୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଶିଳ୍ପ ପାର୍କଗୁଡ଼ିକ ନିକଟରେ ଅତ୍ୟାଧୁନିକ ଭିତ୍ତିଭୂମି ଥିବା ଏସଇଜେଡ୍ ପ୍ରତିଷ୍ଠା କରାଯିବ । ସେହିପରି କନେକ୍ଟ ଓଡ଼ିଶା ଅଧିନରେ ରାଜ୍ୟର ୮ଟି ସ୍ଥାନରେ ମଲିଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ ନିର୍ମାଣ ହେବ । ସରକାର ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲା ଶିଳ୍ପ କରିଡର ନିର୍ମାଣ କରାଯିବ । ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାମାନଙ୍କ ଆର୍ଥିକ ସହାୟତା ପାଇଁ ୬୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ବଜେଟରେ ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାରେ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ବସସେବା ଯୋଜନା ୧୦୮୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଅଟଳ ବସଷ୍ଟାଣ୍ଡ ଯୋଜନା ପାଇଁ ୧୨୬୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି ।ରାଜ୍ୟର ଇଞ୍ଚୁଡ଼ି ଓ ବାହୁଡ଼ାଠାରେ ବନ୍ଦର ସ୍ଥାପନ କରାଯିବ । ସେହିପରି ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ବୁଷ୍ଟ ମଡେଲ ଅନୁସାରେ କରାଯିବ । ରେଳ ପ୍ରକଳ୍ପ ପାଇଁ ୩୦୦ କୋଟି ଓ ବେସାମରିକ ବିମାନ ଚଳାଚଳ ପାଇଁ ୩୮୨ କୋଟି ଟଙ୍କା ଦିଆଯାଇଛି ।

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

## କୋଟଗଡ ବ୍ଲକର ସମସ୍ତ ପଞ୍ଚାୟତ ବିକଶିତ ହେବ

କୋଟଗଡ : ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍ ?ଘାଟିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳ ଜିଲା କୋଟଗଡ ବ୍ଲକ କାର୍ଯ୍ୟାଳୟରେ ମଧ ଏହି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ, ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ ?ଘାଟନ କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସରେ ଦେଖିବାକୁ ସୁଯୋଗ ପାଇଛନ୍ତି । ଆଜି କୋଟଗଡ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ବାଳମତି ମଲ୍ଲିକଙ୍କ ଅଧକ୍ଷତାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ପଞ୍ଚାୟତରେ କିପରି ସୁନ୍ଦର ଭାବେ କାର୍ଯ୍ୟକାରୀ ହୋଇପାରିବ ସେବିଷୟରେ ଆଲୋଚନା ହୋଇଥିଲା ।ଏହି




କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତ ଗାଁ ହେବ ବିକଶିତ ଆଉ ଓଡ଼ିଶାର ହେବ ବିକଶିତ । ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରାଯିବା ସହ ଆଭ୍ୟନ୍ତରୀଣ ଆନ୍ତଃ ଗ୍ରାମ୍ୟ ସଂଯୋଗୀକରଣ ସହ ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ କରାଯିବ । ଏଥିସହ ଅଭିନ ଭାବେ ଜନ ମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ କରାଯିବା ଲକ୍ଷ ରଖାଯାଇଛି । ଏହି ଯୋଜନା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଗାଁ ଗାଁରେ କଲ୍ୟାଣ ମଣ୍ଡପ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳ, ପୂଜାପୀଠ, ଗୋଷ୍ଠୀ ସଭାଗୃହ, ପିଇବାପାଣି, ରାସ୍ତା ଘାଟ, ପୋଖରୀ ଖନନ,ସମେତ ଅନେକ ଉନ୍ନୟନ କାର୍ଯ୍ୟ କରାଯିବ । ଏଥିପାଇଁ ପ୍ରତି ପଞ୍ଚାୟତ ପାଇଁ ଖସଡ଼ା ଓ ଯୋଜନା ପ୍ରସ୍ତୁତି କରାଯାଇଥିବା କହିଛନ୍ତି ସ୍ଥାନୀୟ ସରପଞ୍ଚ । ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ବ୍ୟତୀତ ପିଇଓ ଅଶୋକ ପ୍ରଧାନ, ଗ୍ରାମରୋଜଗାର ସେବକ ଟୁନା ନାୟକ, ସମିତି ସଭ୍ୟା ମଞ୍ଜୁଳା ମାଝୀ, ସମସ୍ତ ଗାଁ ସାଥି, ଓ୍ୱାର୍ଡମେମ୍ବର ଉପସ୍ଥିତ ଥିଲେ ।

# କରଞ୍ଜିଆର ଶରଧା ଗ୍ରାମରେ ବିନୋବା ସେବା ପ୍ରତିଷ୍ଠାନ ଓ ବିକଳ୍ପ ଅନୁଷ୍ଠାନ ପକ୍ଷରୁ ମହିଳା ଆତ୍ମ-ନିର୍ଭର ଅଭିଯାନ ଅନୁଷ୍ଠିତ

କରଞ୍ଜିଆ- ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଅଧିନ ବଡ଼ ଦେଉଳି ପଞ୍ଚାୟତ ଅନ୍ତର୍ଗତ ସରଧା ଗ୍ରାମ ଠାରେ ରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ବିନୋବା ସେବା ପ୍ରତିଷ୍ଠାନ' ଓ 'ବିକଳ୍ପ' ଅନୁଷ୍ଠାନ ର ମିଳିତ ଆୟୋଜନ ରେ ମହିଳା ଆତ୍ମ-ନିର୍ଭର ଅଭିଯାନ ସମ୍ପର୍କିତ ଏକ ଦିନକିଆ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି ।ବିନୋବା ସେବା ପ୍ରତିଷ୍ଠାନ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଶ୍ରୀ ସଚ୍ଚିଦାନନ୍ଦ ଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି, ମଶନଶକ୍ତି ମହିଳା ସଶକ୍ତିକରଣ ଦାୟିତ୍ୱ ଏବଂ କରଞ୍ଜିଆ ମଣ୍ଡଳ ସଭାପତି ଶ୍ରୀମତୀ ସୁନାମଣୀ ହୋ,ବିନୋବା ସେବା ପ୍ରତିଷ୍ଠାନ' ର ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଗାନ୍ଧିବାଦୀ ଓ ଜାତୀୟ ମାନବାଧିକାର ଆୟୋଗର କୋର୍ କମିଟି ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ଜେନା , ବିଶ୍ୱ ବାଣିଜ୍ୟିକ କେନ୍ଦ୍ର ଓଡ଼ିଶା ସିଏସଆର ମୁଖ୍ୟ ତଥା 'ମହିଳା ଆତ୍ମ-ନିର୍ଭର ଅଭିଯାନ' ର ଓଡ଼ିଶା ମୁଖ୍ୟ କ୍ୟାମ୍ପେନର୍ ଡଃ. ରିନା ରାଉତ୍ ରାୟ୍, ବିଶିଷ୍ଟ ସମାଜସେବୀ ଉଷା ବେହେରା , ସଦସ୍ୟ ଶ୍ରୀଯୁକ୍ତ ସୁବ୍ରତ




ମଲ୍ଲିକ ପ୍ରମୁଖ ଯୋଗ ଦେଇ ଗାନ୍ଧୀଜୀ ଓ ବିନୋବା ତଥା ସମାଜରେ ନାରୀର ମାନଙ୍କର ଆଦର୍ଶ ସାଜିଥିବା କସ୍ତୁରବା ଗାନ୍ଧି ଓ ରମାଦେବୀ ଚୌଧୁରୀ ଙ୍କ ଶୈଳୀରେ ମହିଳା ମାନେ କେମିତି ପ୍ରକୃତି-ସହଯୋଗୀ ବିଭିନ୍ନ ପ୍ରକାରର କ୍ଷୁଦ୍ର ଘରୋଇ କୁଟୀର ଉଦ୍ୟୋଗ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାର ର ଆର୍ଥିକ ବିକାଶ ସହ ଦେଶକୁ ମଧ୍ୟ ଆର୍ଥିକ ସ୍ତରରେ ମଜବୁତ୍ କରିବା ପାଇଁ ଘୋଷିତ ହେଉଥିବା ସମସ୍ତ ସରକାରୀ ଯୋଜନା ଉପରେ କିପରି ଉକ୍ତ ଅନୁଷ୍ଠାନ ଗୁଡିକ କାର୍ଯ୍ୟ କରୁଛନ୍ତି ଏନେଇ ଆଲୋପାତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରୋଗ୍ରାମ ସଯୋଜକ ଶ୍ରୀ ବସନ୍ତ ରଣା, ଓ ସଦସ୍ୟ ସଦସ୍ୟା ଦୁଃଶାସନ ମହାନ୍ତ, ପରିମଳ ବେହେରା,ସରଧା ଗ୍ରାମର ମାଳତୀ ପାତ୍ର ଙ୍କ ସହ କରଞ୍ଜିଆ ,ସାହାରପଡା ଅଞ୍ଚଳ ର ବହୁସଂଖ୍ୟକ ମହିଳା ଅଂଶ ଗ୍ରହଣ କରିଥିଲେ , କେନ୍ଦୁଝର ବ୍ଲକ୍ ସଂଯୋଜକ ହରିହର ସାହୁ,କେନ୍ଦୁଝର ଜିଲ୍ଲାର ସିଲେଇ ପ୍ରଶିକ୍ଷିକା ଶ୍ରୀମତୀ ଝରଣା ରାଣୀ ସାହୁ ଙ୍କ ସହଯୋଗ ରେ ଜିଲ୍ଲା-ସଂଯୋଜକ ଶ୍ରୀ ସଚ୍ଚିଦାନନ୍ଦ ସାହୁ ସଭା ପରିଚାଳନା କରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ର ସିଲେଇ ଟ୍ରେନର୍ ଓ ସୁପର୍ ଭାଇଜର୍ ଶ୍ରୀମତୀ କୌଶଲ୍ୟା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରାହ୍ମଣୀ ନଦୀରେ ବୁଡି ଯୁବକ ମୃତ୍ୟୁ

କେନ୍ଦ୍ରାପଡା, : ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଳପୁଆ ଘାଟ ନିକଟରେ ବ୍ରାହ୍ମଣୀ ନଦୀପାର ହୋଇ ଯାଜପୁର ପଟୁ କେନ୍ଦ୍ରାପଡା ପଟକୁ ଆସୁଥିବା ବେଳେ ଯାଜପୁର ଜିଲ୍ଲା ରାଜପୁର ଗ୍ରାମର ଅଶୋକ ମାଳିଙ୍କ ପୁଅ ଅଜୟ ମାଳି ନାମକ ଏକ ୨୭ ବର୍ଷିଆ ଯୁବକ ନଦୀର ଅଥଳ ଜଳ



ରାଶିରେ ବୁଡି ମୃର୍ତ୍ୟୁ ବରଣ କରିଥିବା ଖବର ମିଳିଛି । ସ୍ଥାନୀୟ ଲୋକେ ପ୍ରଥମେ ତାକୁ ଉଦ୍ଧାର କରିବା ପରେ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ୧୦୮ ଆମ୍ବୁଲାନସ ଯେଗେ ପଠାଇବା ପରେ ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଯୁବକର ଶବଟିକୁ ପଟ୍ଟାମୁଣ୍ଡାଇ ପୋଲିସ ଘଟଣା ସ୍ଥଳରେ ପହନ୍ଚି ଜବତ କରିବା ପରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତରଣ କରିଥିବା ଜଣା ପଡିଛି ।

# ମୁରିବାହାଲ ପଞ୍ଚାୟତି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ମୁରିବାହାଲ, : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ତଥା ସହକାରୀ ଶିକ୍ଷକ ହେମନ୍ତ କୁମାର ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ମୁରିବାହାଲ ପଞ୍ଚାୟତି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ସମ୍ପର୍କରେ ବିସ୍ତୃତ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ



କାନ୍ତାରାମ ଧରୁଆ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଅତିଥିମାନେ ଉଚ୍ଚ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି,ବିକ୍ରମ ପୁରୋହିତ, ମନୋଜ କୁମାର ସ୍ୱାଇଁ,ସୋମନାଥ ମାଝୀ, ଚନ୍ଦ୍ରଧ୍ୱଜ ଭୋଇ,ନୀତେଶ ତାଣ୍ଡି,କଳକାହ୍ନୁ ରଣା, ଶିଶିର କୁମାର ବୈଠାରୁ,ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର,ଡି ରିଚେଲ ନାଗ, ଦିପ୍ତିମୟୀ ଲେଙ୍କାଙ୍କ ସହ ନୀଳାମ୍ବର ରାଉତ, ସୁରେଶ ମହାକୁର ଓ ମନୋହର ଥାଟି ସହଯୋଗ କରିଥିଲେ । ମୁଖ୍ୟ କିରାଣୀ ପ୍ରଦୀପ ପୁଟେଲ ଧନ୍ୟବାଦ ଦେଇଥିଲେ ।

# ପଦାଡୋ ଗ୍ରାମର ଖଇରିମରା ସାହିରେ ଅଗ୍ନିଉତ୍ସବ ନେଇ ଗୀତାମହାଯଜ୍ଞ ଅନୁଷ୍ଠିତ

ଆନନ୍ଦପୁର : ପଦାଡୋ ଗ୍ରାମର ଖଇରିମରା ସାହିରେ ଅଗ୍ନି ଉତ୍ସବ ନେଇଗୀତାମହାଯଜ୍ଞ ଅନୁଷ୍ଠିତ ହାଟଡିହି ବ୍ଲକ ଅନ୍ତର୍ଗତ ପଦାଡୋ ଗ୍ରାମପଞ୍ଚାୟତ ପଦାଡୋ ଗ୍ରାମ (ଖଇରୀମରା ସାହି )ରପଚାଶ ବର୍ଷ ହେବ ଯଜ୍ଞହେଉ ଆସୁଛି ।ଯଜ୍ଞ ର ଗ୍ରାମବାସୀଙ୍କ ଆର୍ଥୀକ ସାହାଯ୍ୟ ରେ ଯଜ୍ଞ କଳସ ଶନିପୋଖରୀ ରେ ଜଳଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥାନ୍ତି । ଚାରି ଜଣପୁରୋଧା ସୁରେନ୍ଦ୍ର ଦାସ. ଅକ୍ଷୟ ପଣ୍ଡା ବୃନ୍ଦାବନ ନନ୍ଦ. ଅଜୟ କୁମାର ତ୍ରିପାଠୀ ଏବଂ କର୍ତ୍ତା ଧରଣୀ ଧର ତ୍ରିପାଠୀ. ପତ୍ନୀ



ଚଞ୍ଚଳା ତ୍ରିପାଠୀ କର୍ତ୍ତୀ ଙ୍କ ସହାୟତା ରେ ଗୀତାର ସମସ୍ତ ବେଦପାଠ କରି ଯଜ୍ଞ ର ପୂର୍ଣ୍ଣାହୁତୀ କାଯ୍ୟ ସମ୍ପୂର୍ଣ୍ଣ କରି ଥାନ୍ତି । ଏହି ଯଜ୍ଞ କାଯ୍ୟକ୍ରମ ରେ ଆଖପାଖ ସହ ସହ ଶ୍ରଦ୍ଧାଳୁ ଭକ୍ତ ଉପବାସ କରି ପ୍ରଭୁଯଜ୍ଞେଶ୍ୱର ଙ୍କପାଖରେ ସମର୍ପିତ କରିଥାନ୍ତି

# ଜନ ଶୁଣାଣି ସମୀକ୍ଷା ଶିବିରି ପ୍ରହସନ ଅଭିଯୋଗ

ଖଡ଼ିଆଳ : ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଆର୍ଥିକ ଆୟୋଗ ର ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଖଡିଆଳ କଲ୍ୟାଣ ମଣ୍ଡପ -୨ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିର ରେ ଖଡିଆଳ ଅଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ନନ୍ଦ ଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତା ,ସମ୍ମାନିତ ଅତିଥି ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରସିଂହ ଗଡବା,ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି,ଜିଲ୍ଲା ପରିଷଦ ସଭ୍ୟ ମଲ୍ୟବନ୍ତ ସୁନା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ,ବିଧାୟକ ପ୍ରତିନିଧି ଅକ୍ଷ ନନ୍ଦ , ସାମ୍ବାଦିକ ତପନ ଦାସ, ପଞ୍ଚାୟତ ସମିତି ଅତିରିକ୍ତ ଯନ୍ତ୍ରୀ ରାନି ପଣ୍ଡା, ଅଡିଟ କମିଟି ମେମ୍ବର ରୋହିତ ଦାସ, ଅଡିଟ କମିଟି ସଭ୍ୟ ଶ୍ରୀ ଜିତେନ୍ଦ୍ର ନାଥ ପଟ୍ଟନାୟକ ସମୂହ ମଞ୍ଚାସୀନ ଥିଲେ । ଖଡିଆଳ ବ୍ଲକର ୨୬



ଗୋଟି ପଞ୍ଚାୟତ ରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ୨୯୬ ଟି ପ୍ରକଳ୍ପର ସମୀକ୍ଷା ଉପସ୍ଥାପନ ହୋଇଥିଲା । ଏହି ପ୍ରକଳ୍ପ ମାନଙ୍କରେ ଅଧ ଅଧୁରା କାଗଜ ପତ୍ର ଥାଇ ମଧ ପୁରା ବିଲ କେମିତି ହୋଇ ପାରିଛି ସେ ଉପରେ କେବଳ ଚର୍ଚ୍ଚା କରାଗଲା ଓ ଅତିରିକ୍ତ ଜିଲ୍ଲାପାଳ ଏସବୁ ର ତଦନ୍ତ ହେବ ବୋଲି କହିଲେ । ବିଶେଷ କରି ଏହି ବୈଠକ ଆରମ୍ଭ ରୁ ଏହି ଶିବିରରେ ସରକାରୀ ଅଧିକାରୀ ଓ ସରପଞ୍ଚ ମାନଙ୍କ ମଧରେ ତୁତୁ ମେଁମେଁ ହୋଇଥିବା ବେଳେ ହଠାତ୍ ଶିବିର ଛାଡ଼ି ସମସ୍ତ ସରପଞ୍ଚ ମାନେ ବାହାରକୁ ବାହାରି ଯାଇଥିଲେ ଫଳରେ କିଛି ସମୟ ସମୀକ୍ଷା କାର୍ଯ୍ୟ ସ୍ଥଗିତ କରି ପ୍ରଶାସନର କର୍ମକର୍ତ୍ତା ମାନେ ସରପଞ୍ଚ ମାନଙ୍କୁ ବୁଝା ସୁଝା କରି ଫେରେଇ ଆଣି ସମୀକ୍ଷା କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ସବୁ ଠୁ ଆଶ୍ଚର୍ଯ୍ୟ ର ଘଟଣା ଏହା ଏକ ଜନ ଶୁଣାଣି ସିବିରି ହୋଇଥିବା ବେଳେ ଜଣେ ମଧ ସାଧାରଣ ହିତାଧିକାରୀ କିମ୍ୱା ଜନ ସାଧାରଣ ଆସିନଥିଲେ । ଏହି ସମୀକ୍ଷା ବୈଠକ ରେ କେବଳ ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧି ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ବୈଠକ ରେ ଗଣ ମାଧ୍ୟମ ପ୍ରତିନିଧି ଙ୍କୁ ନିମନ୍ତ୍ରଣ କରିବା ର ନିର୍ଦ୍ଦେଶ ଥିଲେ ମଧ ଖଡ଼ିଆଳ ବ୍ଲକ ପ୍ରଶାସନ ତହିଁ ରେ ମଧ ବ୍ୟତିକ୍ରମ କରିଥିବା ରୁ ଗଣମାଧ୍ୟମ ପ୍ରତିନିଧି ମାନେ କ୍ଷୁବ୍ ପ୍ରକାଶ କରିଥିଲେ । ଏହା ଏକ ଜନ ଶୁଣାଣି ସମୀକ୍ଷା ଶିବିର ଅଟେ ଲୋକ ମାନଙ୍କ ପାଖରେ ଏ ସବୁ ସମୀକ୍ଷା ଉପସ୍ଥାପନ କରିବା କଥା କିନ୍ତୁ ଖଡିଆଳ ବ୍ଲକ ରେ କେବଳ ବ୍ଲକ ପ୍ରଶାସନ ଓ କିଛି ଜନ ପ୍ରତିନିଧି ମାନଙ୍କୁ ନେଇ ସମୀକ୍ଷା ଓ ଶୁଣାଣି କାର୍ଯ ଆୟୋଜନ କରି ଥିବାରୁ ଏଠି ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ମିଳିଭଗତରେ ଏହି ସବୁ କାର୍ଯ୍ୟ କରାଯାଉଛି ଭଳି ସ୍ପଷ୍ଟ ବାରି ହେଉଛି , ଜନ ଶୁଣାଣି ନାଁ ରେ ଏହା ଏକ ପ୍ରହସନ୍ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି, ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

# କେବେ ସରିବ ଝଙ୍କଡ଼ ଶାରଳା ପୀଠକୁ ରାସ୍ତା କାମ



ତିର୍ତ୍ତୋଲ, : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ଼ ରେଳ ଷ୍ଟେସନ ନିକଟରୁ କନକପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଓ କୋଠାବାଡି ବିଭାଗ ଦ୍ୱରା କରାଯାଉଥିବା ରାସ୍ତା ସମ୍ପ୍ରସାରଣ କରାଯାଉଥିବା ବେଳେ ବିଭାଗ୍ୟ ଅଧିକାରୀ ଓ ଠିକାଦାର ଙ୍କ ପାଇ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି । ରାସ୍ତା କାମ ବିଳମ୍ବ ହେଉଥିବା ବେଳେ ରାସ୍ତାରୁ ପିଚୁ ତଡ଼ାଯାଇ ମେଣ୍ଟାଲ ଓ ଡଷ୍ଟ ବିଛାଯାଇଛି । ଏହି ରାସ୍ତାଟି ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କର ମୁଖ୍ୟ ରାସ୍ତା ହୋଇଥିବା ବେଳେ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ମେଡିକାଲ, ସ୍କୁଲ, କଲେଜ ଓ ବିଭିନ୍ନ କାର୍ଯ୍ୟପାଇଁ ଏହି ରାସ୍ତା ଦେଇ ଜନସାଧାରଣ ମାନେ ଯାତାୟାତ କରୁଛନ୍ତି । ଦୁଇ ଦୁଇ କିଲୋମିଟର ରାସ୍ତାଟି ଏକ କୋଟି ଟଙ୍କାରୁ ଉର୍ଦ୍ଧ ଅର୍ଥ ବ୍ୟୟବରାଦ କରିଯାଇଥିଲେ ମଧ୍ୟ ଏପଯ୍ୟନ୍ତ କାମ ସରିବା ର ନା ଗନ୍ଧ ଧରୁନାହିଁ ଏଥିପାଇଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ମେଟାଲ ଓ ଡଷ୍ଟ ପଡିଥିବା ବେଳେ ଠିକାଦାର ରାସ୍ତାରେ ପାଣି ପକାଉନଥିବା କାରଣରୁ ପଥଚାରୀ ମାନେ ଧୂଳି ଧୂସରରେ ଅଣନିଶ୍ୱାସୀ ହୋଇପଡୁଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା ଦେଇ ୪ ଚକିଆ କିମ୍ୱା ୬ ଚକିଆ ଯାନ ଯାତାୟାତ କରିଥିବା ବେଳେ ଗାଡି ପଛରେ ଯାଉଥିବା ଜନସାଧାରଣ ଧୂଳି ଧୂସରର ହୋଇପଡୁଥିବା ଦେଖିବାକୁ ମିଳୁଛି ।ଏହା କଣ ବିଭାଗୀୟ ଅଧିକାରୀ ଓ ଠିକାଦାର ଙ୍କୁ ଦେଖା ଯାଉନାହିଁ ।ନା ଦେଖି ନ ଦେଖିବାର ଅଭିନୟ କରୁଛନ୍ତି ।ଏହି ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି ।

# ଫେବୃଆରୀ ୧୫ରୁ ୨୦ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ

କଟକ ତା – ବିବିଧତା ମଧ୍ୟରେ ଏକତାର ବାର୍ତ୍ତା, ଗୋଟିଏ ସ୍ଥାନର ସାଂସ୍କୃତିକ, ଧାର୍ମିକ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଆଦି ସମ୍ପର୍କରେ ଅନ୍ୟ ଗୋଟିଏ ସ୍ଥାନର ଯୁବବର୍ଗ ଜାଣିବା ଉଦ୍ଦେଶ୍ୟରେ ଆୟୋଜିତ ହେବାକୁ ଯାଉଛି ପଂଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଫେବୃଆରୀ ୧୫ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ କାଶ୍ମୀର ଉପତ୍ୟକାର ୬ଟି ଜିଲ୍ଲାର ପ୍ରାୟ ୧୩୨ଜଣ ଅଂଶଗ୍ରହଣକାରୀ ଯୋଗ ଦେବେ । ଏହି ଅଂଶଗ୍ରହଣକାରୀମାନେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହିତ ପ୍ରତିଦିନ ବିଭିନ୍ନ ଅଧିବେଶନ ମାଧ୍ୟମରେ ଓଡ଼ିଶା ବିଷୟରେ ଜ୍ଞାନ ସଂଗ୍ରହ କରିବେ । ଏଥିସହ ରାଷ୍ଟ୍ରର ଅଖଣ୍ଡତା, ସୁରକ୍ଷା, ସଂସ୍କୃତି ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ ବିଶେଷଜ୍ଞମାନେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିବେ । ଏହି ଅବସରରେ ଖାଦ୍ୟ ମେଳା, ବସ୍ତ୍ର ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ । ଆଜି ଏ ସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନେହେରୁ ଯୁବା କେନ୍ଦ୍ର କଟକ ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ବିପିନ୍ କୁମାର ଏହି ସୂଚନା ଦେଇଛନ୍ତି । ଆସନ୍ତା ୧୫ ତାରିଖ ଅପରାହ୍ନରେ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହ କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ ଅନୁଷ୍ଠିତ ହେବ । ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଓ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ମୁରିବାହାଲ ପିୟୁପିଏସରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

ମୁରିବାହାଲ : ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା - ୨୦୨୪-୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁରିବାହାଲ କ୍ଲଷ୍ଟରର ସିଆରସିସି ହୃଷିକେଶ ଶିକାଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକାରୀ ସଭାପତି ଭାବରେ ଏହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ରୋତସ୍ୱିନୀ ମାଝୀ, ମୁଖ୍ୟ ଅତିଥି ଭାବରେ କୈଳାସ ଚନ୍ଦ୍ର ଭୋଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁରିବାହାଲ, ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଗ୍ରାମ ପଞ୍ଚାୟତର



ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଥୟରାଜ ପ୍ରଧାନୀ ମୁରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ନୃପରାଜ ମାଝୀ ଲଖନା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ । ଏହି କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ଅତିଥିମାନେ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ ।ଏହାପରେ ନିପୁଣ ଶପଥ ପାଠ ଏବଂ ନିପୁଣ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ମୁରିବାହାଲ ସିଆରସିସି ହୃଷିକେଶ ଶିକା ସୁନ୍ଦର ଭାବରେ ପରିଚାଳନା କରିଥିଲେ । ମୁରିବାହାଲ କ୍ଲଷ୍ଟରରେ ଥିବା ୧୨ ଟି ସରକାରୀ ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ,ସହ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକ ଅଭିଭାବିକାବୃନ୍ଦ ଉପସ୍ଥିତ ଥିଲେ । ଏହି ମେଳାରେ ୪ଟି ଷ୍ଟଲ୍ ଲାଗିଥିଲା । ଯଥା ସାକ୍ଷରତା ଶିକ୍ଷଣ ସାମଗ୍ରୀ, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ, ସୃଜନଶୀଳ କାର୍ଯ୍ୟକଳାପ ଏବଂ ମତାମତ ଷ୍ଟଲ୍ । ପ୍ରତ୍ୟେକ ଷ୍ଟଲରେ ପ୍ରାୟ ୫୦ ଟି ଲେଖାଏଁ ଏଫଏଲଏନ ଓ ଟିଏଲଏମ ଛାତ୍ରଛାତ୍ରୀମାନେ ପ୍ରଦର୍ଶିତ କରିଥିଲେ । ଅତିଥିଗଣ ପ୍ରତି ଷ୍ଟଲକୁ ଯାଇ ସମସ୍ତ ଶିକ୍ଷଣ ସାମଗ୍ରୀଗୁଡିକୁ ପର୍ଯ୍ୟବେକ୍ଷଣ କରିଥିଲେ । କାର୍ଯ୍ୟକ୍ରମର ଶେଷ ସମୟରେ ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିଗଣଙ୍କ ଠାରୁ ପୁରସ୍କୃତ କରାଯାଇଥିଲା ।ପ୍ରଧାନଶିକ୍ଷୟିତ୍ରୀ ସ୍ରୋତସ୍ୱିନୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମଟିକୁ ପରିସମାପ୍ତି ଘୋଷଣା କରିଥିଲେ ।

# ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷଙ୍କ ମାତୃ ବିୟୋଗ

ରଣପୁର ): ଆଜି ତା ୧୩/ ୨ ,ଭୋର୍ ୫ ଟା ବେଳେ ତାଙ୍କ ନିଜ ଲତାରସ୍ଥିତ ବାସ ଭବନରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ମାତୃଦେବୀ ସରୋଜିନୀ ମହାନ୍ତିଙ୍କ ପରଲୋକ ହୋଇ ଯାଇଛି । ସେ ଜଣେ ପରୋପକାରୀ ମହିଳା ଥିଲେ ଓ ବାର୍ଦ୍ଧ୍ୟକ ଜନିତ ଅବସ୍ଥାରେ ପୀଡ଼ିତ ଥିବା ସୁଚନା । ୧୯୪୦ ମସିହାରେ ଜନ୍ମ ଗ୍ରହଣ କରି ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ସମୟରେ ଏକ ମାତ୍ର ପୁତ୍ର ଇଂ ଦେବାଶିଷ ପଟ୍ଟନାୟକ, ବୋହୂ ଡଃ ବନ୍ଦନା ଦାସ ଓ ନାତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉପସ୍ଥିତ ଥିଲେ, ଦୁଃଖଦ ଖବର ପାଇ ସୁବେଚ୍ଛୁ ମାନଙ୍କ ସୁଅ ଛୁଟିଥିଲା । ପୂର୍ବାହ୍ନ ସାଢ଼େ ଦଶଟା ବେଳକୁ ଗ୍ରାମ ପରିକ୍ରମା କରାଇ ଗାଁ ଶ୍ମଶାନରେ ଶବ ସତ୍କାର ପୂର୍ବକ ଶେଷ କୃତ୍ୟ କାର୍ଯ୍ୟ ସମାପ୍ତ କରାଯାଇଥିବା ଜଣା ପଡିଛି । ନୟାଗଡ ଜିଲ୍ଲା ସ୍ତରରୁ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ସରପଞ୍ଚ, ସମିତି,



ଦଳୀୟ କର୍ମୀ ଙ୍କ ସହ ରଣପୁର ଏନ୍ ଏ ସି ଅଧକ୍ଷା ରଙ୍ଗୀନ୍ ମହାନ୍ତି, ସ୍ୱରାଜ ମହାନ୍ତି, ଜିଲ୍ଲା ଯୁବ ବିଜେଡି ଉପ ସଭାପତି ପ୍ରଫୁଲ୍ଲ କୁମାର ନାୟକ, ବ୍ଲକ୍ ବିଜେଡି ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସାମ୍ବାଦିକ୍ ବିନୋଦ କୁମାର ସାହୁ, ମାନସ କୁମାର ସାହୁ, ଶ୍ରୀନିବାସ ବେହେରା ଆଦି ଲତାର ସ୍ଥିତ ବାସଭବନରେ ପହଞ୍ଚି ଦୁଃଖ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି ।

## ଫୁଲୱାମାରେ ସହିତ ଯବାନଙ୍କ ସ୍ମୃତିକୁ ସ୍ମରଣ କରି ରକ୍ତଦାନ ଶିବିର

ସମ୍ବଲପୁର : ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାଥୀ ଚେରେଟେବୁଲ ଟ୍ରଷ୍ଟ ଓ ସତ୍ୟଭାମା ଦେବୀ ୱେଲଫେୟାର ଟ୍ରଷ୍ଟର ମିଳିତ ଭାବେ ଫୁଲବାମା ଠାରେ ସହିତ ଯବାନଙ୍କ ସ୍ମୃତିକୁ ସ୍ମରଣ କରି ଭୁବନେଶ୍ୱରର ସତ୍ୟଭାମା ଦେବୀ କଲେଜ ଠାରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି !ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ସେଣ୍ଟ୍ରାଲ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଅବସରପ୍ରାପ୍ତ ଆଇ.ଏ.ଏସ. ଶ୍ରୀ ଏସ ପି ଦାଶ ଯୋଗଦାନ କରି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ ! ମୋଟ ୫୩ ୟୁନିଟ ରକ୍ତ, ରକ୍ତଦାତାଙ୍କ ଠାରୁ ଗ୍ରହଣ ହୋଇଥିଲା ।



# ଡମି ଶିକ୍ଷୟତ୍ରୀଙ୍କ ହାତରେ ପିଲାଙ୍କ ଭବିଷ୍ୟତ ଘଟଣା, ପ୍ରଧାନ ଶିକ୍ଷକ ନିଲମ୍ବିତ ଓ ସହ ଶିକ୍ଷକଙ୍କ ଦରମା ବନ୍ଦ

## ଆଞ୍ଚଳିକ ଖବର ଓ ଫୋକସ ପ୍ଲସର ମହାପ୍ରଭାବ




ଲାଞ୍ଜିଗଡ଼୧୭/୨(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଓ ସଦର ବ୍ଲକ ସୀମାନ୍ତ ଯୁଗସାଇ ପାଟଣା ପଞ୍ଚାୟତ ସ୍ଥିତ କଟଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ହାରାହାରି ୪୩ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଦୁଇ ଜଣ ଶିକ୍ଷକ ନିୟୋଜିତ ରହିଥିଲେ ହେଲେ ସରକାରଙ୍କ ନିୟମକୁ ଅବମାନନା କରି ନିୟମିତ ସ୍କୁଲ ନ ଯାଇ ଘରେ ଆରାମରେ ରହୁ ଥିଲେ ଓ କଟଲଙ୍ଗ ଗାଁର ଜଣେ ଦଶମ ପାସ ଝିଅଙ୍କୁ ଦୁଇ ଜଣ ଶିକ୍ଷକ ମିସି ସାଢେ ୪ହଜାର ଟଙ୍କା ମାସିକ ବେତନ ଦେଇ ସ୍କୁଲରେ ପାଠ ପଢ଼େଇବା ଦାୟିତ୍ୱ ଦେଇଥିଲେ । ଏହାକୁ ନେଇ ଗ୍ରାମ ବାସି ସମେତ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଚକ୍ରଧର ପାଳି ଓ ସହ ଶିକ୍ଷକ ଭଗବାନ ଶିକ କାର୍ଯ୍ୟରତ ଥାଇ ନିୟମିତ ଦରମା ନେଉଥିବା ବେଳେ ସ୍କୁଲ ଠାରେ ଜଣେ ଯୁବତୀଙ୍କୁ ସାଢେ ୪ହଜାର ଟଙ୍କା ଦେଇ ଶିକ୍ଷା ଦାନ କରିବା ପାଇଁ ଡମି ଶିକ୍ଷୟତ୍ରୀ ଭାବେ ରଖିଥିବା ଖବର ପ୍ରଥମେ ଦୈନିକ ଆଞ୍ଚଳିକ ଖବର କାଗଜରେ ଫେବୃଆରୀ ୪ ତାରିଖ ମଙ୍ଗଳବାରରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ଏନେଇ ଆଜି ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର କଟଲଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ଯାଇ ତଦନ୍ତ କରି ପ୍ରଧାନ ଶିକ୍ଷକ ଚକ୍ରଧର ପାଲି ଙ୍କୁ ନିଲମ୍ବିତ କରିଥିବା ବେଳେ ସହ ଶିକ୍ଷକଙ୍କ ଦରମା ବନ୍ଦ କରିଥିବା ସୁଚନା ମିଳିଛି।

# ଗୁରୁଣ୍ଡିଆ ରେ 'ବିକଶିତ ଗାଁ ବିକଶିତ ଓଡ଼ିଶା ' କାର୍ଯ୍ୟକ୍ରମ

ବଣାଇ,୧୭/୨(ନି.ପ୍ର): ଆଜି ଗୁରୁଣ୍ଡିଆ ବ୍ଲକ ସଦର ଗୁରୁଣ୍ଡିଆ ଖେଳପଡିଆ ଠାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ଶ୍ରଯୁକ୍ତ ମୋହନ ଚରଣ ମାଝୀ ଆଭାଷି ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡ଼ିଶା ର ଶୁଭାରମ୍ଭ କଲେ । ଗାଁ ବିକାଶ ହେଲେ ଦେଶ ବିକାଶ ହେବ ଏହି ବାର୍ତ୍ତା ଦେଇଥିଲେ ଏବଂ ବିକାଶ ଓ ସମୃଦ୍ଧି ଯୋଜନା ରେ ୫ହଜାର କୋଟି ଟଙ୍କା ର ବ୍ୟୟ ବରାଦ କରାଯିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି କାର୍ଯ୍ୟକ୍ରମ ଆରମ୍ଭରୁ ସାଂସ୍କୃତିକ କାର୍ଯ୍ୟକ୍ରମ , କୁନିକଳାକାର ମାନଙ୍କ ନୃତ୍ୟ ଗୀତ ରେ ମନ ମହି ନେଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ବି ଡି ଓ ଗୁରୁଣ୍ଡିଆ, ହାବିଲ ଖାଖା,ବ୍ଲକ ଚେୟାରମେନ୍, ଜିଲ୍ଲା ପରିଷଦ ଗୁରୁଣ୍ଡିଆ (କ) ଉପେନ୍ଦ୍ର କିସାନ,ଲାଲା ଓରାମ , ବିଜେପି ସାଂସଦ ଜୁଏଲ ଓରାମ ଙ୍କ ପ୍ରତିନିଧି ବାସୁଦେବ ସାହୁ , ଅଭିରାମ ମହକୁଳ,ଗୁରୁଣ୍ଡିଆ ତହସିଲଦାର ଶିବ ପ୍ରସାଦ ମୁର୍ମୁ,ବ୍ଲକ କର୍ମଚାରୀ , ବି ଇ ଓ ଗୁରୁଣ୍ଡିଆ , ଏବଂ ସମସ୍ତ ପଞ୍ଚାୟତ ସରପଞ୍ଚ ଗଣ । ପରି ଶେଷରେ ବି ଡି ଓ ତାଙ୍କ ବକ୍ତବ୍ୟ ରଖି ସଭା ବିରାମ କରିଥିଲେ ।

# ବସ୍ତା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶାର ଭିଡିଓ କନ୍ଫାରେନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ

ବସ୍ତା ୧୭/୨(ନି.ପ୍ର): ସାରା ଓଡ଼ିଶାରେ ଆଜି ସମସ୍ତ ବ୍ଲକ ରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଉଦଘାଟନି ଉତ୍ସବ ପାଳିତ ହେଉଥିବା ବେଳେ ବସ୍ତାବ୍ଲକ ପରିସରରେ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ,ସାଂସଦ ପ୍ରତିନିଧି ତଥା ଉତ୍ତର ଓଡ଼ିଶା ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ରହି ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ଉପରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାରୁ ଭିଡିଓ କନଫ୍ରେନ୍ସ ମାଧ୍ୟମରେ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟ କାରୀ ହେବାକୁ ଥିବା ଯୋଜନାରେ ପାଞ୍ଚ ହଜାର କୋଟି ଖର୍ଚ୍ଚ ହେବ। ଏଥିରେ ମୌଳିକ ଭିତ୍ତିଭୂମି ସହ ଗ୍ରାମୀଣ ଯୋଗା ଯୋଗ ବ୍ୟବସ୍ଥା, ଅନୁନ୍ନତ ଜନଜାତିର ବିକାଶ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ,ଶିକ୍ଷା ଓ କ୍ରୀଡ଼ାର ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ଜନ ମଙ୍ଗଳକାରୀ ବହୁମୁଖି ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ଦିଲୀପ କୁମାର ଦାସ ମହାପାତ୍ର,ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ସମେତ ବ୍ଲକର ସମସ୍ତ ପି ଆର ଆଇ ସଦସ୍ୟ,ଏସଏଚଜି ଗ୍ରୁପ ମହିଳାଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ରହି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣକୁ ଭିଡିଓ କନ୍ଫାରେନ୍ସ ମାଧ୍ୟମରେ ଶୁଣିଥିଲେ।

# କୋରେଇ ବ୍ଲକ ରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ



କୋରେଇ,୧୭/୨(ନି.ପ୍ର):ଆଜି ରାଜ୍ୟ ସରକାର ତୃଣମୂଳ ସ୍ତରରୁ ବିକାଶ ପାଇଁ ଗାଁ ଗୁଡ଼ିକର ବିକାଶ କୁ ପ୍ରାଧାନ୍ୟ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଭାରମ୍ଭ କରିଛନ୍ତି।

କୋରେଇ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଉପସ୍ଥିତ ରହି ଯୋଜନା ବିଷୟରେ ଅବଗତ କରିଥିଲେ ।ଏହି ଯୋଜନା ମାଧ୍ୟମରେ କୋରେଇ ବ୍ଲକ ର ସମସ୍ତ ଗାଁ ଗୁଡ଼ିକ ବିକାଶ ହୋଇପାରିବ,ବିଶେଷ କରି ଦଳିତ ସାହି ସହ ରାସ୍ତା ,ମଠ,ମନ୍ଦିର ଭଳି ବିଭିନ୍ନ କାର୍ଯ୍ୟ ର ଉନ୍ନତିକରଣ କରିବା ପାଇଁ ଲକ୍ଷ ରଖା ଯାଇଛି ଏଥି ପାଇଁ ୫ ବର୍ଷ ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି।

ଆଜିର କାର୍ଯ୍ୟକ୍ରମ କୁ କୋରେଇ ବିଡ଼ିଓ ଅବନିକାନ୍ତ ସାହୁ ପରିଚାଳନା କରିବାଥିବା ବେଳେ କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳେଇ, ଗୌରପର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବନ୍ଧାଳୋ ସରପଞ୍ଚ ବିଷ୍ଣୁ ରଥ ,ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା,ରଣପୁର ସରପଞ୍ଚ ସୁକାନ୍ତି ସାହୁ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ଯାଜପୁର ସାଂସଦ ପ୍ରତିନିଧି ପ୍ରମୋଦ ସାହୁ,ଦିପ୍ତିମୟୀ କୁଆଁର,ଜୟନ୍ତୀ ସାହୁ,ରବୀନ୍ଦ୍ର ସେଠୀ, ତଣ୍ଡରା ସରପଞ୍ଚ ମାମିନା ମହାନ୍ତି , ଗୋରେଇପୂର୍ ସରପଞ୍ଚ ସସ୍ମିତା ମାଝୀ,ବରୁଣ୍ଡାଇ ସରପଞ୍ଚ ଲିପ୍ସା ପରିଡ଼ା , ବରୁଣ୍ଡାଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ହଳଦୀ ଗାଡିଆ ସମିତିସଭ୍ୟ ଉଦୟ ସାହୁ, ପ୍ରତାପ ବେହେରା, ଚନ୍ଦନ ଖିଲାର,ରବୀନ୍ଦ୍ର ଗାହାଣ,ପିତାମ୍ବର ନନ୍ଦ,ଏଇ ସସ୍ମିତା ତରାଇ, ଜେଇ ଦିବ୍ୟାଲୋଚନ ସାମଲ, ଜୟନ୍ତ ଦାସ ଙ୍କ ସମେତ ମିଶନ ଶକ୍ତି ର ମା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇଥିଲେ।

# ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ବନ୍ଧୁ ମିଳନ



ଆଠମଲ୍ଲିକ ୧୭/୨(ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କୃତିବାସପୁର ପଂଚାୟତ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଓଡିଶା ଡ୍ରାଇଭର ମହାସଂଘ ର ଆଠମଲ୍ଲିକ ବ୍ଲକ ଶାଖା ସୌଜନ୍ୟ ରେ ୨୦୨୫ ବର୍ଷ ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଠାକୁରଗଡ଼ ସ୍ଥିତ ନାକିଚି ଛକ ଠାରୁ ମୁଖ୍ୟ ଅତିଥି ରାଜ୍ୟ ସଭାପତି ଙ୍କୁ ପାଛୋଟି ରୋଡ଼ ସୋ ମାଧ୍ୟମ ରେ କୃତିବାସପୁର ଜଗନ୍ନାଥ ମନ୍ଦିର କୁ ଯାଇ ଜଗତର ନାଥ ଜଗନ୍ନାଥ ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା ଗ୍ରହଣ କରି ସଭା ମଣ୍ଡପ କୁ ପହଂଚି ଜଗନ୍ନାଥ ଙ୍କ ଫଟୋଚିତ୍ର ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରି ଧୂପ ଲଗାଇ ସଭା ରେ ଆସନ ଅଳଙ୍କୃତ କରିଥିଲେ । ସଭାର ପ୍ରାରମ୍ଭ ରେ ଡ୍ରାଇଭର ମହାସଂଘ ଆଠମଲ୍ଲିକ ବ୍ଲକ ଉପ ସଭାପତି ଗୋଲେଖ ପରିଡା ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ପରେ ପରେ ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମର୍ଦ୍ଧିତ କରାଯାଇଥିଲା । ଏଥିରେ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମେଣ୍ଡୁଲୀ. ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଠାକୁରଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀ ନଟବର ନନ୍ଦ ପୂର୍ବତନ ସରପଞ୍ଚ ତଥା ସେବା ସମବାୟ ସମିତି ଅଧକ୍ଷ ସିଦ୍ଧେଶ୍ୱର ସାହୁ ସ୍ଥାନୀୟ ସରପଞ୍ଚ. ଜୟନ୍ତ ସାହୁ ଜିଲ୍ଲା ସଭାପତି ମନୋଜ କୁମାର ସାହୁ ସଂମାନିତ ଅତିଥି ଭାବେ ଯୋଗ ଦେଇ ଡ୍ରାଇଭର ମହାସଂଘ ର ଏକତା ଓ ନିଷ୍ଠାପର ସହ କାରେ କାର୍ଯ୍ୟ କୁ ପ୍ରସଂଶା କରିଥିଲେ । ଡ୍ରାଇଭର ହେଉଛି ଦେଶର ଷ୍ଟେରିଙ୍ଗ । ଡ୍ରାଇଭର ଚାହିଁଲେ ଦେଶ କଣ ବିଶ୍ୱ ମଧ ଅଚଳ ହୋଇଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ନିଶା ଠାରୁ ଦୁରେଇ ରହି ଡ୍ରାଇଭର ଷ୍ଟେରିଙ୍ଗ ଧରିଲେ ଧନ ଜୀବନ ସୁଖମୟ ହୋଇ ପାରିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ନନ୍ଦ ନିଜ ଭାଷଣ ମାଧ୍ୟମରେ ଉପସ୍ଥିତ ଥିବା ଡ୍ରାଇଭର ଭାଇ ମାନଙ୍କୁ ସୂଚନା ଦେଇଥିଲେ । ଯେକୌଣସି ଡ୍ରାଇଭର ଭାଇମାନେ ଅସୁବିଧର ସମ୍ମୁଖୀନ ହେଲେ ସମସ୍ତ ଡ୍ରାଇଭର ଭାଇ ଏକଜୁଟ ହୋଇ ଘଟଣା ସ୍ଥାନ ରେ ପହଂଚି ସମ୍ମୁଖୀନ ରେ ପଡ଼ିଥିବା ଡ୍ରାଇଭର କୁ ସାହସ ଦେବା କୁ ରାଜ୍ୟ ସଭାପତି ଶ୍ରୀ ମେଣ୍ଡୁଲି ମତ ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଆଠମଲ୍ଲିକ ବ୍ଲକ ର ସମସ୍ତ ପଂଚାୟତ ର ସଭ୍ୟ ସଭ୍ୟା ସହିତ ସଭାପତି, ସମ୍ପାଦକ ମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ ।

# ବିକାଶିତ ଗାଁ ବିକାଶିତ ଓଡିଶା ଯୋଜନାର ଶୁଭାରମ୍ଭ

କଲ୍ୟାଣସିଂହପୁର,୧୭/୨(ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିକାଶିତ ଗାଁ ବିକାଶିତ ଓଡିଶା ଯୋଜନାର ଭିଚୁଆଲ ମାଧ୍ୟମରେ ଶୁଭାରମ୍ଭ କରାଯାଇଛି । ଏଥିରେ ସମିତି ଅଧକ୍ଷା ଅମ୍ରିତା କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଡ଼ିଓ ମନୀଷା ଦାସ ,ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ,ସିଡିପିଓ ମମତା ରାଣୀ ଦାସ ଓ ପଞ୍ଚାୟତ ଜନ ପ୍ରତିନିଧି ,ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ,ପି ଆର ସଦସ୍ୟ , ଗ୍ରାମବାସୀ ଓ ଦଳୀୟ ନେତା କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ ।ଆଜି ଖୋର୍ଦ୍ଧା ଜଙ୍କିଆ ମିନି ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ କର କମଳରେ ଭିଚୁଆଲ ମଧ୍ୟରେ ବିକାଶିତ ଗାଁ ବିକାଶିତ ଓଡିଶା ର ଶୁଭାରମ୍ଭ କରିଥିଲେ ।ଏହି ଯୋଜନା ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ,କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ ,ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମି ର ସମ୍ପ୍ରସାରଣ ଓ ଆଧୁନିକରଣ ,ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ,ବିକାଶ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ ବିକାଶ ପାଇଁ ୫ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମ କୁ ବ୍ଲକପ୍ରଶାସନ, ବ୍ଲକବାସୀ ଓ ଜନପ୍ରତିନିଧି ମାନେ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଦେଇଥିଲେ । ଏଥିରେ ପୁଲିସ ବିଭାଗ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ ।

# ଚିକିଟୀ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ



ଚିକିଟୀ, ୧୭/୨(ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆଭାସୀ ମାଧ୍ୟମରେ ସାରା ରାଜ୍ୟରେ 'ବିକଶିତ ଗାଁ ବିକଶିତ ଓଡିଶା, କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିବା ବେଳେ ଚିକିଟୀ ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ ଜଗତର ନାଥ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିବା ବେଳେ ତହସିଲଦାର ବିଶ୍ୱ ରଞ୍ଜନ କହଁର, ଡ଼ଃ ପୂର୍ଣ୍ଣଜିତ ପ୍ରଧାନ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ରାଜ୍ୟ ସରକାର ଙ୍କ ଏହି ଯୁଗାନ୍ତକାରୀ ଯୋଜନା କୁ ଭୁୟସୀ ପ୍ରଶଂସା କରିବା ସହିତ ଗାଁ ର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହୋଇ ପରିବ ବୋଲି ମତବ୍ୟକ୍ତ କରିବା ସହିତ 'ବିକଶିତ ଗାଁ ବିକଶିତ ଓଡିଶା, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି 'ବିକଶିତ ଗାଁ ବିକଶିତ ଓଡିଶା, କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ, ଗାଁରେ ବ୍ଲକ ଟପ୍ ରୋଡ୍ ନିର୍ମାଣ , କଂକ୍ରିଟ୍ ରୋଡ଼ ଓ ପେଭର ବ୍ଲକ ରାସ୍ତା ତିଆରି ହେବା ସହିତ ଆବଶ୍ୟକ ସ୍ଥାନରେ ଡ୍ରେନ୍ ନିର୍ମାଣ ହେବ। ଏହାସହ ଆହୁରି ଅନେକ ପ୍ରକାର ଉନ୍ନତି ପାଇଁ ଯୋଜନା ରଖାଯାଇଥିବା ବେଳେ ସବୁ ପଞ୍ଚାୟତ ଗ୍ରାମସଭା ଡାକି ' ବିକଶିତ ଗାଁ ବିକଶିତ ଓଡ଼ିଶା, ଯୋଜନା ପାଇଁ ପ୍ରକଳ୍ପ ଚୟନ କରିବେ । ବିଏଫଓ ସୁରେଶ କୁମାର ବେହେରା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଜିପିଓ ଚକ୍ରଧର ପ୍ରଧାନ ଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିବା ବେଳେ ଶତାଧିକ ମହିଳା ଉପସ୍ଥିତ ରହିଥିଲେ।

# ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ର ୧୬ ତମ ବାର୍ଷିକ ଉତ୍ସବ

ବାସୁଦେବପୁର, ୧୭/୨(ନି.ପ୍ର): : ଗୁରୁଣାଂ ଗୁରୁ ବଙ୍କିମ ଚନ୍ଦ୍ର ମହାରଣା ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଉତ୍ତମ ଶିକ୍ଷକ ମାନଙ୍କୁ ନେଇ ପ୍ରଥମ କରି ବାସୁଦେବପୁର ଶିକ୍ଷା ର ବ୍ୟବସ୍ଥା କୁ ସୁଦୃଢ କରିବା ପାଇଁ ଚନ୍ଦ୍ର ଶେଖର ବେହେରା ଏବଂ ଜଗବନ୍ଧୁ ନାୟକ ଙ୍କ ଦ୍ୱାରା ଆରମ୍ଭ ହୋଇ ଆଜି ୧୬ ବର୍ଷ ରେ ପଦାର୍ପଣ କରିସାରିଛି ଫିନିକ୍ସ ଏକାଡେମୀ ଉଚ୍ଚ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ରାଜ୍ୟପାଳ ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବେହେରା ଓ ସୁଧାଂଶୁ ଶେଖର ମିଶ୍ରଙ୍କ ଦ୍ୱାରା ପ୍ରତ୍ୟକ୍ଷ ମାର୍ଗ ଦର୍ଶନ ରେ ଆଗେଇ ଚାଲିଛି ଆବାସିକ ଉଚ୍ଚ ବିଦ୍ୟାଳୟ। ଭଦ୍ରକ ଜିଲ୍ଲା ବାସୁଦେବପୁର ରେ ୨ଅବସ୍ଥିତ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ର ୧୬ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସଭା କୁ ସଂଯୋଜନା କରିଥିଲେ ଅଚ୍ୟୁତାନନ୍ଦ ପାଢ଼ୀ ଏବଂ ଅତିଥି ପରିଚୟ କରିଥିଲେ ଉପସଭାପତି ସୁଧାଂଶୁ ଶେଖର ମିଶ୍ର । ଅଭିମନ୍ୟୁ ବେହେରା ଙ୍କ ସଭାପତିତ୍ୱ ରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ସମ୍ମାନୀତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟ ବକ୍ତା ଭାବରେ ଡଃ ପ୍ରଦୀପ୍ତ କୁମାର ମିଶ୍ର, ଉପ ସଭାପତି ସୁଧାଂଶୁ ଶେଖର ମିଶ୍ର, ସଂଯୋଜକ ଅଚ୍ୟୁତାନନ୍ଦ ପାଢ଼ୀ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ମଞ୍ଚାସୀନ ହୋଇଥିବା ସହିତ ଜଗତର ନାଥ ଜଗନ୍ନାଥ ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। 'ଶ୍ରଦ୍ଧା ବାନ ଲଭ୍ୟତେ ଜ୍ଞାନ' ଉପରେ ମଞ୍ଚାସୀନ ଅତିଥି ମାନେ ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଗୁରୁ ଶିଷ୍ୟର ସମ୍ପର୍କ ବିଷୟରେ ମଧ୍ୟ ଉଦବୋଧନ ଦେଇଥିଲେ। ଉକ୍ତ ସଭାରେ ଛାତ୍ରଛାତ୍ରୀ,ଅଭିଭାବକ ଏବଂ ଆମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ମୁଖପତ୍ର ' ସୃଜନୀ ' ଏବଂ ଅଭିମନ୍ୟୁ ବେହେରା ଙ୍କ ଦ୍ୱାରା ରଚିତ ପୁସ୍ତକ ' ଭକ୍ତ ପ୍ରହଲ୍ଲାଦ, ମୁଠିଏ ଚାଉଳ ଗୋଟିଏ ଟଙ୍କା ଓ ସତ୍ୟ କାହାଣୀ ମାଳା ' ଉନ୍ମୋଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ର ପୂର୍ବତନ ଛାତ୍ର ଏମ୍ .ବି.ବି.ଏସ. ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା

# ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ଓ ପଲ୍ଲୀଶ୍ରୀମେଳା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ

ଯାଜପୁର ୧୭/୨(ନି.ପ୍ର): ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ସମ୍ପର୍କୀୟ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅପରାହ୍ନରେ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯଯାତି - ୨୦୨୫ କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଫେବୃଆରୀ ୮ ତାରିଖରେ ପ୍ରଶାସନିକ ଭବନ ପଡିଆଠାରେ ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ଚାନ୍ଦମା ପଡିଆ, ଯାଜପୁର ରୋଡ଼ ଠାରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ପ୍ରଥମ ପର୍ଯ୍ୟାୟ ଚତୁର୍ଥ କିସ୍ତି ପ୍ରଦାନ କରିବେ। ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଫେବୃଆରୀ ୦୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଯଯାତି - ୨୦୨୫ ଆରମ୍ଭରେ ମା' ବିରଜାଙ୍କ ମନ୍ଦିର ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ପ୍ରଶାସନିକ ଭବନ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫୦ ଷ୍ଟଲ୍ ବିଶିଷ୍ଟ ପଲ୍ଲିଶ୍ରୀ ମେଳା ଓ ୪୦ ଷ୍ଟଲ ର ଫୁଡ କୋର୍ଟ ଆୟୋଜିତ ହେବ। ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସ୍ୱାଗତ ସଙ୍ଗୀତ ଗାନ କରାଯିବ। ଏହା ବ୍ୟତୀତ ବଲିଉଡ୍, ଓଲିଉଡ ଏବଂ ବିଭିନ୍ନ ଜିଲ୍ଲାର ଲୋକସଙ୍ଗୀତ, ଲୋକ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ଦିନ ଓଡ଼ିଶୀର ଗଣେଶ ବନ୍ଦନା ପରିବେଷଣ କରାଯିବ। ଆଦିବାସୀ ଢେମସା, ରାଜସ୍ଥାନୀ ଫୋକ ଡାନ୍ସ, ମାଲାଖମ୍ବ ଆକ୍ଟ, ଭାରତ ନାଟ୍ୟମ, ଷ୍ଟାଣ୍ଡ ଅପ୍ କମେଡି, କଳାହାଣ୍ଡି ଘୁମୁରା ବିଭିନ୍ନ ଦିନରେ ପରିବେଷଣ କରାଯିବ। ଏତଦବ୍ୟତୀତ ଫେବୃଆରୀ ୧୦ ତାରିଖରେ ସେମିନାର ଦିନ ୧୦ଘଟିକା ଓ ୧୧ ତାରିଖରେ ଏକ କବି ସମ୍ମିଳନୀ ୯.୩୦ ରେ ଅନୁଷ୍ଠିତ ହେବ।ଜିଲ୍ଲା ମହୋତ୍ସବରେ ବଲିଉଡ୍ ସିଙ୍ଗର ଜୁବିନ୍ ନଉଟିଆଲ୍, ଅନନ୍ୟା ଶ୍ରୀତମ ନନ୍ଦ, ସତ୍ୟଜିତ ପ୍ରଧାନ, ମୋନାଲୀ ଠାକୁର, ଦେବାର୍ଚ୍ଚନ ମିଶ୍ର, ଦିପ୍ତିରେଖା ପାଢ଼ୀ, ସୁଖବିନ୍ଦର୍ ସିଂହ ମୁଖ୍ୟ ଆକର୍ଷଣ ହେବେ। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନିରୁଦ୍ଧ ରାଉତରାୟ ଯୋଗଦେଇ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ଉପରେ ସୂଚନା ପ୍ରଦାନ କରିଥିଲେ।

# ମୁଣ୍ଡାରୀ ଲିପିର ସ୍ରଷ୍ଟାଅଲ୍ ଗୁରୁ ରୋହିଦାସ ସିଂ ନାଗଙ୍କ ୯୧ ତମ ଜନ୍ମ ଜୟନ୍ତୀ ପାଳିତ



ବାରିପଦା,୧୭/୨(ନି.ପ୍ର): ମୁଣ୍ଡା ଯୁବ ସଙ୍ଗଠନ ଆନୁକୁଲ୍ୟରେ ବାରିପଦା ସ୍ଥିତ ମଧୁବନ ଠାରେ ନିର୍ମିତ ଅଲ୍ ଗୁରୁ ରୋହିଦାସ ସିଂ ନାଗ ଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସଭା ଆୟୋଜନ କରାଯାଇଥିଲା। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ମୁଣ୍ଡାରୀ ରୀତିନୀତି ଅନୁସାରେ ରେ ପୂଜା ଅର୍ଚ୍ଚନା କରାଯାଇଥିଲା ଓ ନିମନ୍ତ୍ରିତ ମୂଖ୍ୟ ଅତିଥି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି , ରୋଟାରୀ କ୍ଲବ ର ପୂର୍ବତନ ସଭାପତି ଯୁବ ସମାଜ ସେବୀ ରାକେଶ ସିଂ , ମୁଣ୍ଡା ଯୁବ ସଙ୍ଗଠନ ର ସଭାପତି ଫକୀର ମୋହନ ସିଂ ,ମୁଣ୍ଡା ଯୁବ ସଙ୍ଗଠନ ର କର୍ମ କର୍ତ୍ତା ବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ଅଲ୍ ଗୁରୁ ରୋହିଦାସ ସିଂ ନାଗ ଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ମୁଣ୍ଡାରୀ ଲିପିର ପ୍ରଚାର ଓ ପ୍ରସାର ନିମନ୍ତେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ପ୍ରତିମୂର୍ତ୍ତି ଚତୁପାର୍ଶ୍ୱ ଉନ୍ନତିକରଣ ପାଇଁ ମୁଣ୍ଡା ଯୁବ ସଙ୍ଗଠନ ତରଫରୁ ଏକ ଦାବିପତ୍ର ନଗରପାଳ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରୁ ଛାତ୍ରଛାତ୍ରୀ ଓ ନିକଟ ବର୍ତ୍ତି ଗ୍ରାମ ମାନଙ୍କରୁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଥିଲେ। ଶେଷରେ ଅତିଥି ମାନଙ୍କୁ ଉପଦେଷ୍ଟା ଛାଟିଆ ସିଂ ଧନ୍ୟବାଦ୍ ଦେଇ ସଭା କାର୍ଯ୍ୟ ସମାପ୍ତ କରିଥିଲେ। ସଭା କାର୍ଯ୍ୟ ସେଷ ହେବା ପରେ ବାରିପଦା ରୁ ଏକ ରାଲି ବାହାରି ଅଲ୍ ଗୁରୁ ରୋହିଦାସ ସିଂ ନାଗ ଙ୍କ ଗ୍ରାମ ସାଲବଣୀ କୁ ଯାଇ ତାଙ୍କ ସମାଧୀ ଠାରେ ଧୂପ ଦୀପ ଓ ପୁଷ୍ପ ଅର୍ପଣ କରାଯାଇଥିଲା ।ଏଥିରେ ସହଯୋଗ କରିଥିଲେ ପ୍ରମୁଖ ପଦ୍ମଲୋଚନ ସିଂ, ଗୁରୁଭା ସିଂ, ରବି ସିଂ, ସାବିତ୍ରୀ ସିଂ, ସିବସଙ୍କର ସିଂ, ବିନଦ ସିଂ, ରଶ୍ମିତା ସିଂ, ପୂଜା ସିଂ, ସ୍ୱାତି ସିଂ ଦିବ୍ୟଶ୍ରୀ ସିଂ, ଜିତେନ୍ଦ୍ର ସିଂ ।

# ଜିଲ୍ଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, (୧୭/୨(ନି.ପ୍ର): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ରାଜ୍ୟର ୩୦ ଗୋଟି ଜିଲ୍ଲା ସାମିଲ ହୋଇଥିଲେ। ସେହି କ୍ରମରେ ଆଜି ଜିଲ୍ଲା ଓ ସଦର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା , ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଗ୍ରାମରେ ବିକାଶ ପହଞ୍ଚିବ ଏବଂ ଜନ ସଧାରଣ ମୌଳିକ ସେବା ପାଇ ପାରିବେ। ଏଥିରେ ଗ୍ରାମ ସଭାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଗୋଦାବରୀଶ ଆଦର୍ଶ ଶିକ୍ଷା ଯୋଜନା ମାଧ୍ୟମରେ ପ୍ରତି ଗ୍ରାମ ପଞ୍ଚାୟତରେ ଉତ୍ତମ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଥିବା ବିଦ୍ୟାଳୟ ପ୍ରତିଷ୍ଠା ହେବ। ଯାହା ଫଳରେ ମାଲକାନଗିରି ଭଳି ଜିଲ୍ଲାରେ ବସବାସ କରୁଥିବା ଜନଜାତି ସମୁଦାୟ ଲାଭାନ୍ୱିତ ହେବେ ବୋଲି ମନ୍ତ୍ରୀ ଉଦବୋଧନ ଦେଇଛନ୍ତି। ଏହି ଯୋଜନାରେ ୫ ବର୍ଷ ପର୍ଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ ହେବ। ଏଥି ନିମନ୍ତେ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ବାର୍ଷିକ ୧ ହଜାର କୋଟି ଖର୍ଚ୍ଚ କରାଯିବ। ଯାହାର ୪୦ ପ୍ରତିଶତ ଅର୍ଥାତ୍ ୪୦୦ କୋଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଜନଜାତିଙ୍କ ବିକାଶରେ ବିନିଯୋଗ ହେବ। ବିଶେଷ ଭାବେ ୩୫ ପ୍ରତିଶତ ଅର୍ଥ ସଡ଼କ ନିର୍ମାଣରେ ଖର୍ଚ୍ଚ ହେବ। ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ପଞ୍ଚାୟତ ସମିତି ଅଧକ୍ଷ ଗୌରୀ ପଡ଼ିଆମି, ଉପାଧକ୍ଷ ନିରଞ୍ଜନ ହାଲଦାର, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ ସେନାପତି ଉପସ୍ଥିତ ଥିଲେ। ପଞ୍ଚାୟତ ସମିତିର ସମସ୍ତ ସଦସ୍ୟ ଓ ଅନ୍ୟାନ୍ୟ ଜନ ପ୍ରତିନିଧି ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂ ପା ଦ କୀ ୟ

# ବିଦେଶୀ ଧନର ପ୍ରଭାବରୁ ଭାରତର ସମାଜକୁ ରକ୍ଷା କରିବାକୁ ବଡ ପଦକ୍ଷେ

ଦେଶରେ ବହୁଳ ମାତ୍ରାରେ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ସେମାନେ ଦେଶର ବିଭିନ୍ନ ସମସ୍ୟାକୁ ନେଇ କାମ କରୁଥିବା ବୋଲି ଦାବି କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ବାସ୍ତବରେ ତାଙ୍କର ଘୋଷିତ ଉଦ୍ଦେଶ୍ୟର ବିଲକୁଲ ଓଲଟା କାମ କରୁଥିବା ଦେଖିବାକୁ ମିଳିଥାଏ । ଏମାନଙ୍କ ମଧ୍ୟରୁ ଏନେକ ଏନଜିଏଓ ଫରେନ କଂଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫସିଆରଏ) -ଅନୁଯାୟୀ ପଂଜୀକୃତ ହୋଇଥାନ୍ତି ଓ ସେମାନଙ୍କର କାମ ପାଇଁ ବିଭିନ୍ନ ଦେଶରୁ ବିପୁଳ ମାତ୍ରାରେ ବିଦେଶୀ ଧନ ଆଣିଥାନ୍ତି । ବିଦେଶରୁ ଆଣୁ ଥିବା ଏହି ଅର୍ଥରେ ସେମାନେ ସମାଜକୁ ଭାଗ ଭାଗ କରିବା, ଦେଶର ବିକାଶମୂଳକ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିବା, ଦେଶର ଲୋକ ମାନଙ୍କୁ ପ୍ରଲୋଭନ ଓ ଅନ୍ୟ ବେଆଇନ ଉପାୟରେ କନଭର୍ଟ କରିବା ଆଦି କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି । ତେବେ ଭାରତ ସରକାର ଗତ ନଭେମ୍ବର ମାସ ୮ ତାରିଖ ଦିନ ଏଫସିଆରଏକୁ ନେଇ ଏକ ନୋଟିସ ଜାରୀ କରିଛନ୍ତି । ଏଫସିଆରଏ ଜରିଆରେ ଅର୍ଥ ବିଦେଶରୁ ଆଣୁଥିବା ଏହି ଏନଜିଓ ମାନେ ଯଦି କୌଣସି ପ୍ରକାର ଉପରୋକ୍ତ ବେଆଇନ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ଏହି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଏହି ଲେଖାରେ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ କଣ ଉଲ୍ଲେଖ ରହିଛି ସେ ବିଷୟରେ ଆଲୋଚନା କରିବା ।

ଯଦି ଦେଖିବାକୁ ଯିବା ମୋଦୀ ସରକାର ଆସିବା ପର ଠାରୁ ହିଁ ଏହି ଏଫସିଆରଏ ଆଇନର ଉଲ୍ଲଂଘନ କରୁଥିବା ଏନଜିଓ ଓ ଅନ୍ୟ ସଂସ୍ଥା ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ କରି ଆସୁଛି । ଚଳିତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହେଉଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ଏନଜିଓ ମାନଙ୍କ ଉପରେ ଜାଂଚ ପ୍ରକ୍ରିୟାକୁ ଆହୁରି କଡା କଡି କରାଯିବ । ବିଦେଶରୁ ଧନ ଆଣି ସାମାଜିକ ଓ ବିକାଶମୂଳକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସରକାର କଡା ନଜର ରଖିବାର ବ୍ୟବସ୍ଥା କରୁଛନ୍ତି ।

ଅନେକ ସମୟରେ ଦେଖା ଯାଉଛି ଯେ ଯେତେବେଳେ ସରକାର କୌଣସି ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଯାଆନ୍ତି ସେତେବେଳେ ହଠାତ ଉକ୍ତ ଅଂଚଳରେ ସେହି ବିକାଶ କାର୍ଯ୍ୟକୁ କରାଇ ନ ଦେବାକୁ ଆନ୍ଦୋଳନ ହୁଏ । ଭିତିଭୂମି ହେଉ, ସ୍ୱାସ୍ଥ୍ୟ ସେବା ହେଉ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହେଉ, ଏ ସବୁକୁ ରୋକିବାକୁ ଆନ୍ଦୋଳନ କରାଯାଇଥାଏ । ଆନ୍ଦୋଳନରେ ସାଧାରଣ ଲୋକ ମାନେ ତ ସାମିଲ ଥାଆନ୍ତି ହେଲେ ଏହା ପଛରେ କିଏ ଥାଏ ? ଏହି ଆନ୍ଦୋଳନକୁ ପଛରୁ ଥାଇ କିଏ ପରିଚାଳନା କରୁ ଥାଏ ? ଆନ୍ଦୋଳନର ଖର୍ଚ୍ଚ କିଏ ବହନ କରିଥାଏ ? ଅନେକ ସମୟରେ ପ୍ରମାଣ ମିଳିଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ସଂସ୍ଥା ଓ ଏନଜିଓ ମାନେ ଲୋକ ମାନଙ୍କୁ ମତାଇ ବିକାଶ ମୂଳକ କାର୍ଯ୍ୟ ନ କରାଇ ଦେବାକୁ ଆନ୍ଦୋଳନର ପଛରେ ଥାଆନ୍ତି । ଆନ୍ଦୋଳନର ଖର୍ଚ୍ଚକୁ ସେମାନେ ବହନ କରିଥାନ୍ତି । ସମାଜରେ କାମ କରିବାର ଉଦ୍ଦେଶ୍ୟ ଦେଖାଇ ସେମାନେ ବିଦେଶରୁ ଅର୍ଥ ଆଣନ୍ତି ହେଲେ ଏହାର ବ୍ୟବହାର ଭାରତର ବିକାଶକୁ ରୋକିବାକୁ କରିଥାନ୍ତି । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସଂସ୍ଥା ଓ ଏନଜିଓ ମାନଙ୍କର ଏଫସିଆରଏ ଲାଇସେନ୍ସ ରଦ୍ଦ କରାଯିବ ।

ଦ୍ୱିତୀୟ ବିଷୟଟି ହେଲା ବେଆଇନ ଭାବେ ହିନ୍ଦୁ ମାନଙ୍କୁ କନଭର୍ଟ କରିବା । ଏଭଳି ଅନେକ ଏନଜିଓ ଅଛନ୍ତି ଯେଉଁମାନେ ବିଦେଶରୁ ଅର୍ଥ ସେବା କରିବା ନାମରେ ଆଣନ୍ତି ହେଲେ ତାର ବ୍ୟବହାର ଭାରତର ହିନ୍ଦୁ ମାନଙ୍କୁ କନଭର୍ଟ କରିବାରେ ଖର୍ଚ୍ଚ କରିଥାନ୍ତି । କନଭର୍ଟ କରିବା ସହ ସେମାନେ ବିଭିନ୍ନ ସ୍ତର ଦେଇ କାମ କରିଥାନ୍ତି । ସେମାନେ ସମାଜରେ ବିଭିନ୍ନ ଜାତି ଜାତି ମଧ୍ୟରେ ବିଷମତାକୁ ବଢାଇବାକୁ ଚେଷ୍ଟା କରିଥାନ୍ତି । ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଦ୍ୱେଷ ଉତ୍ପନ୍ନ କରାଇଥାନ୍ତି । ସେମାନେ କେବଳ ଦେଶର ଲୋକ ମାନଙ୍କୁ କନଭର୍ଟ ହି କରି ନ ଥାନ୍ତି ବରଂ ସମାଜରେ ବିଦ୍ୱେଷର ମଂଜି ମଧ୍ୟ ବୁଣିଥାନ୍ତି । ଏବେ ଏଭଳି ସଂସ୍ଥା ଓ ଏନଜିଓ ମାନଙ୍କୁ ଆଉ ଛଡା ଯିବ ନାହିଁ । ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି । ବିଦେଶରୁ ଧନ ଆଣି ଭାରତର ଲୋକ ମାନଙ୍କୁ କନଭର୍ଟ କରିବାର ପ୍ରକ୍ରିୟା ଉପରେ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ସରକାର ଅନୁଭବ କରିଛନ୍ତି । ତେଣୁ କୌଣସି ସଂସ୍ଥା ବା ଏନଜିଓ ଯଦି ବିଦେଶରୁ ଧନ ଆଣି ଭାରତୀୟ ମାନଙ୍କୁ କନଭର୍ଟ କରିବାର କାମ କରୁଥିବା କୌଣସି ଫିଲ୍ଡ ଏଜେନ୍ସି ରିପୋର୍ଟ ଦିଏ ତେବେ ଉକ୍ତ ସଂସ୍ଥା ବା ଏନଜିଓର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ ରହିଛି । ଅନେକ ସମୟରେ ଦେଖା ଯାଇଛି ଯେ ଏଫସିଆରଏ ଜରିଆରେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ବିଭିନ୍ନ ସଂସ୍ଥା ଓ ଏନଜିଓ ଓ ଏଗୁଡିକର ପ୍ରମୁଖ ପଦାଧିକାରୀ ବିଭିନ୍ନ ଆତଙ୍କବାଦୀ ସଂଗଠନ, କିମ୍ୱା ହିଂସା କରୁଥିବା ସଂଗଠନ ମାନଙ୍କ ସହ ସମ୍ପର୍କ ରହିଥାଏ । ଏବେ ଏଭଳି ମାମଲା ଗୁଡିକ ମଧ୍ୟ ଜାଂଚ ହେବ । ଉଦାହରଣ ସ୍ୱରୂପ ଯଦି ଉତର ପୂର୍ବ ଭାରତରେ ବିଦେଶରୁ ଅନୁଦାନ ଆଣି କାର୍ଯ୍ୟ କରୁଥିବା କୌଣସି ସଂସ୍ଥା ସେଠାରେ କୌଣସି ଆତଙ୍କବାଦୀ କିମ୍ୱା ହିଂସା କରୁଥିବା ସଂଗଠନ ସହ ସମ୍ପର୍କ ରଖିଥାଏ ଓ ଯଦି ତାହା ଜାତୀୟ ସୁରକ୍ଷା ପାଇଁ ବିପଦ ଥିବ ତେବେ ଏହାକୁ ମଧ୍ୟ ଏଫସିଆରଏର ଉଲ୍ଲଂଘନ ବୋଲି ଧରା ଯିବ । ଏଭଳି କ୍ଷେତ୍ରରେ ମଧ୍ୟ ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରି ଦିଆଯିବ । ନୂଆ ନିର୍ଦ୍ଦେଶନାମାରେ ବିଛିନ୍ନତାବାଦୀ ଶକ୍ତି, ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ସମ୍ପର୍କ ରଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ଦେଶର ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂଆ ନିର୍ଦ୍ଦେଶନାମାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ରହିଛି । ଅନେକ ସମୟରେ ଦେଖା ଯାଏ ଯେଉଁ ଉଦ୍ଦେଶ୍ୟ ରଖି ଏନଜିଓ ସଂସ୍ଥା ମାନେ ବିଦେଶରୁ ଅନୁଦାନ ଆଣିଥାନ୍ତି ସେହି ଉଦ୍ଦେଶ୍ୟରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିବା ବଦଳରେ ଅନ୍ୟବାଟରେ ଖର୍ଚ୍ଚ କରିଥାନ୍ତି । ନୂତନ ନିର୍ଦ୍ଦେଶନାମା ଅନୁସାରେ ଯଦି କେହି ଏନଜିଓ ଏଭଳି କାର୍ଯ୍ୟ କରେ ତେବେ ତାଙ୍କ ବିରୁଦ୍ଧରେ ଦଂଡବିଧାନର ବ୍ୟବସ୍ଥା ରହିଛି । କେବଳ ସେତିକି ନୁହେଁ ସେମାନଙ୍କର ଏଫସିଆରଏ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରେ । ଯଦି କୌଣସି ଏନଜିଓ ସଂସ୍ଥା ଅନୁଦାନକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛି କିମ୍ୱା ଅନ୍ୟ ପ୍ରକାର କାର୍ଯ୍ୟକଳାପ କରୁଛି ତେବେ ଉକ୍ତ ସଂସ୍ଥା ଜାଂଚର ପରିସର ମଧ୍ୟକୁ ଆସିବ । ଏହା ଦ୍ୱାରା ବିଦେଶୀ ଅର୍ଥରେ ପରିଚାଳିତ ସଂସ୍ଥା ମାନଙ୍କର ଉତରଦାୟିତ୍ୱ ମଧ୍ୟ ସ୍ଥିର ହେବ ବୋଲି ଆଶା କରାଯାଉଛି ।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ଭିତିଭୂମି ସମ୍ପର୍କିତ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ବିରୁଦ୍ଧରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି । ଏହି ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତଃ ଭାବେ ନୁହେଁ ବରଂ ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ମାନେ କରାଉଥିବାର ସ୍ପଷ୍ଟ ପ୍ରମାଣ ଦେଖିବାକୁ ମିଳୁଛି । ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ଗୁଡିକ ଭିତିଭୂମି ପ୍ରକଳ୍ପ ଗୁଡିକ ବିରୁଦ୍ଧରେ ଜନ ଆନ୍ଦୋଳନ ଠିଆ କରାଇ ବାସ୍ତବରେ ଭାରତ ବିରୋଧୀ ଶକ୍ତି ମାନଙ୍କ ପାଇଁ ପରୋକ୍ଷରେ କାର୍ଯ୍ୟ କରିଥାନ୍ତି । ଯେଉଁ ବିଦେଶୀ ଶକ୍ତି ମାନେ ଭାରତ ଆଗକୁ ବଢୁ ବୋଲି ଚାହନ୍ତି ନାହିଁ ସେମାନଙ୍କର ଉଦ୍ଦେଶ୍ୟକୁ ଏହି ଏନଜିଓ ମାନେ ଚରିତାର୍ଥ କରିବାକୁ ଚେଷ୍ଟା କରିଥାନ୍ତି । ଏହି କାରଣରୁ ଦେଶର ବିଦ୍ୟୁତ ଶକ୍ତି ଓ ଅନ୍ୟାନ୍ୟ ଭିତିଭୂମି ପ୍ରକଳ୍ପ ଦୀର୍ଘ ଦିନ ଧରି ବିଳମ୍ବିତ ହେଉଛି । ଭାରତର ଜନସାଧାରଣଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି । ସେହିପରି ବିଦେଶୀ ଅର୍ଥରେ ଭାରତର ସମାଜକୁ ବିଭାଜିତ କରି ସେମାନଙ୍କୁ କନଭର୍ଟ କରିବାକୁ ଯେଉଁ ପ୍ରୟାସ ଲଗାତାର ଚାଲିଛି ତାହା ମଧ୍ୟ ଅତ୍ୟନ୍ତ ଉଦବେଗଜନକ । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଦେଶ ସମ୍ମୁଖରେ ଥିବା ଏହି ଜ୍ୱଳନ୍ତ ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ପ୍ରୟାସ କରାଯାଇଛି ଯାହାକୁ ସ୍ୱାଗତ କରାଯିବା ଉଚିତ। କିଛି ଲୋକ ଏହା ଦ୍ୱାରା କ୍ଷତି ହେବ ବୋଲି ବିନା କାରଣରେ ଆଶଙ୍କା ପ୍ରକାଶ କରୁଛନ୍ତି । କାରଣ ଯେଉଁ ସଂସ୍ଥା କୌଣସି ବେଆଇନ କାମ ନ କରି ସଠିକ କାର୍ଯ୍ୟ କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରଶ୍ନ ଉଠୁ ନାହିଁ । ତେଣୁ ମୋଟ ଉପରେ କହିବାକୁ ଗଲେ ବିଦେଶୀ ଅର୍ଥରେ ଭାରତରେ ହସ୍ତକ୍ଷେପ କରାଯିବାର ପ୍ରୟାସକୁ କୌଣସି ପ୍ରକାରରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମୋଦୀ ସରକାର ଏହା ମାଧ୍ୟମରେ ସ୍ପଷ୍ଟ ସଂକେତ ଦେଇଛନ୍ତି ।

# ୟୁଟ୍ୟୁବରେ ବିଦେଶୀ କାଳନେମୀ

ସୌମେନ୍ଦ୍ର ଜେନା

ଦେଶରେ ୟୁଟ୍ୟୁବର ବ୍ୟବହାରକାରୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିଲାବେଳେ ସେମାନଙ୍କ ସଙ୍କଟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କାରଣ ୟୁଟ୍ୟୁବର ଗ୍ରାହକ ହେଉଥିବା ଲୋକମାନଙ୍କର ଇ-ମେଲ ଯେପରି ବଜାରରେ ବିକ୍ରି ହେବାରେ ଲାଗିଛି ସେହିପରି ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ମଧ୍ୟ ବାହାରେ ବିକ୍ରି ହେଉଛି । ବିଦେଶୀ ଗୁଇନ୍ଦା ସଂସ୍ଥାଗୁଡିକ ସାଧାରଣଲୋକଙ୍କ ଆଗ୍ରହ-ଅନାଗ୍ରହ, ରାଜନୈତିକ ବିଚାରଧାରାକୁ ବିଶ୍ଲେଷଣ କରି ଏହିସବୁ ସୋସିଆଲ ମିଡିଆ ତଥ୍ୟରୁ ସେମାନଙ୍କୁ ଟାର୍ଗେଟ କରିବାକୁ ଲାଗିପଡୁଛନ୍ତି । ଏବେ ଏମିତି ଏକ ଉଦାହରଣ ଦେଖନ୍ତୁ । ଆମେରିକା ମଧ୍ୟରେ ପ୍ରବେଶ କରି ଗୁଇନ୍ଦାଗିରି କରିବାଲାଗି ଚୀନ ନିଜର କିଛି ଲୋକଙ୍କୁ ଛଦ୍ମବେଶୀ କରି ଆମେରିକାକୁ ପଠାଇଲା । ସେମାନେ ଆମେରିକାରେ ପ୍ରବେଶ କଲାପରେ ସେଠାରେ ନିଜକୁ ଚୀନ ସରକାରର ପ୍ରଚଣ୍ଡ ବିରୋଧୀ ଭାବେ ପ୍ରଦର୍ଶିତ କରିବାକୁ ଲାଗିଲେ । ଚୀନ ସରକାରଙ୍କୁ ଗାଳିଦେଇ ଆମେରିକା ପ୍ରଶାସନର ବିଶ୍ୱାସଭାଜନ ହେବା ଥିଲା ତାର ଲକ୍ଷ୍ୟ । ତେଣୁ ସେମାନେ ୧୯୮୯ରେ ଚୀନର ତିଆନାନ୍‌ମେନ୍ ସ୍କୋୟାରରେ ଛାତ୍ର ଆନ୍ଦୋଳନରେ ମୃତ ଛାତ୍ରନେତାଙ୍କ ନାମରେ ଫାଉଣ୍ଡେସନ ଆମେରିକାରେ ଗଠନ କଲେ । ସୋସିଆଲ ମିଡିଆରେ ଚୀନା ସରକାରଙ୍କର ପ୍ରଚଣ୍ଡ ସମାଲୋଚନା କରିବାକୁ ଲାଗିଲେ । ଏଥିରେ ପ୍ରଭାବିତ ହୋଇ ଆମେରିକାରେ ବସବାସ କରୁଥିବା ଚୀନା ସରକାର ବିରୋଧୀ ଲୋକେ ସୋସିଆଲ ମିଡିଆରେ ସେମାନଙ୍କ ମତାମତ ରଖି ଚୀନର ଗୁଇନ୍ଦା ଅଧିକାରୀଙ୍କ ନିକଟତର ହେଲେ । ଗୁଇନ୍ଦା ଅଧିକାରୀ ଆମେରିକାରେ ରହୁଥିବା ଚୀନ ସରକାରଙ୍କ ବିରୋଧୀ ଲୋକମାନଙ୍କ ସହ ସଂପର୍କ ରକ୍ଷାକରି ସେମାନଙ୍କ ଚୀନା ପରିବାରବର୍ଗ ସହଯୋଗୀ ଆଦିଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କଲେ । ସେହି ତଥ୍ୟ ଚୀନକୁ ପଠାଗଲାପରେ ସେମାନଙ୍କ ଘର ଉପରେ ଚଢାଉ କରାଯାଇ ପରିବାରବର୍ଗଙ୍କୁ ଗିରଫ କରିବାକୁ ସହଜ ହେଲା । ଚୀନର ସରକାର ନିଜର ବିରୋଧୀ ଲୋକମାନଙ୍କୁ ଦମନ କରିବାକୁ ସକ୍ଷମ ହେଲେ । କେବଳ ଏତିକି ନୁହେଁ ସେହି ଗୁଇନ୍ଦା ଅଧିକାରୀ ଆମେରିକାରେ ରହୁଥିବା ଚୀନ ସରକାରଙ୍କ ବିରୋଧୀମାନଙ୍କୁ ଧରିବାର ବ୍ୟବସ୍ଥା କରିଦେଲା । ଫଳରେ ଚୀନର ଗୁଇନ୍ଦାମାନେ ଆମେରିକା ଭିତରେ ଥିବା ଚୀନା ସରକାରଙ୍କ ବିରୋଧୀମାନଙ୍କୁ ଖତମ୍ କରିବାକୁ ଲାଗିଲେ, କିମ୍ବା ନିଜ ଦେଶକୁ ଫେରାଇ ନେଲେ । କିଛି ପାକିସ୍ଥାନୀ ୟୁଏଇ ଓ ସାଉଦି ଆରବରେ କାର୍ଯ୍ୟରତ ଭାରତୀୟ ମାନଙ୍କୁ ଏମିତି କିଛି କୌଶଳ କରି ଜେଲ ଭିତରେ ଭ□ କରାଇଥାନ୍ତି । ସେମାନେ ନିଜ ସୋସିଆଲ ମିଡିଆରେ ଏମିକି କିଛି ଲେଖି ମତାମତ ରଖିବାକୁ ଭାରତୀୟଙ୍କୁ ସୁଯୋଗ ଦେଇଥାନ୍ତି । ପରେ ଭାରତୀୟ ଲୋକେ ମନ୍ତବ୍ୟ ରଖିବା ପରେ ସେମାନେ ସେମାନଙ୍କ ବିରୋଧରେ ପୁଲିସରେ ଅଭିଯୋଗକରି ସେମାନଙ୍କୁ ଗିରଫ କରାଇଥାନ୍ତି । ନିକଟରେ ଜଣେ ସାମ୍ବାଦିକ ବନ୍ଧୁ କହିଲେ ଯେ ଭାରତର ବଡବଡ ଲୋକେ ପ୍ରସ୍ତୁତ କରୁଥିବା ୟୁଟ୍ୟୁବର ଗ୍ରାହକମାନଙ୍କ ତୁଳନାରେ କିଛି ନିର୍ଦ୍ଦିଷ୍ଟ ୟୁଟ୍ୟୁବରମାନଙ୍କ ଗ୍ରାହକ ବହୁତ ଅଧିକ । ପ୍ରକୃତ କଥା ହେଲା ଯେଉଁ ୟୁଟ୍ୟୁବରମାନେ ଦେଶ ବାହାରେ ରହି ବା ଦେଶ ଭିତରେ ଥାଇ ସରକାର ବିରୋଧୀ କଥା କହୁଛନ୍ତି , ତାକୁ ଦେଶ ଭିତରେ ଥିବା ବିରୋଧୀପକ୍ଷର ଲୋକେ ଏବଂ ଦେଶ ବାହାରେ ଥିବା ଭାରତ-ବିରୋଧୀ ଲୋକେ ନିହାତି ପସନ୍ଦ କରିବେ । ସେ କ୍ଷେତ୍ରରେ ସେମାନଙ୍କ ଗ୍ରାହକ ସଂଖ୍ୟା ମିଲିଅନ ଧରିବ ଏଥିରେ ସନ୍ଦେହ କରିବାର ନାହିଁ । କାରଣ ମନ୍ଦ ବିଚାରର ଗ୍ରାହକ ସବୁବେଳେ ଅଧିକ । କ୍ଷୀରପିଆଙ୍କଠାରୁ ମଦ ପିଆଙ୍କ ସଂଖ୍ୟା ସବୁବେଳେ ଅଧିକ ହୋଇଥାଏ, ସେମାନଙ୍କ ବଜାର ମଧ୍ୟ ବହୁତ ବଡ ହୋଇଥାଏ ।

ଏବେ ଦେଖିବା ଯେ ପାକିସ୍ଥାନରେ ବସିଥିବା ଅନେକ ୟୁଟ୍ୟୁବର ଭାରତର ସରକାର, ବ୍ୟବସ୍ଥା, ଆଇନ କାନୁନକୁ ସମର୍ଥନ କରି ଦେଖାଉଥିବା ବେଳେ ସେମାନଙ୍କର ଗ୍ରାହକ ସାଧାରଣତଃ ଭାରତ ଏବଂ ଭାରତ ବାହାରେ ରହୁଥିବା ଭାରତୀୟ ଲୋକେ ହୋଇଥାନ୍ତି । ସେମାନେ ନିଜ କାର୍ଯ୍ୟକ୍ରମରେ ପାକ୍‌ର ସରକାର, ସେନାବ୍ୟବସ୍ଥାକୁ ସମାଲୋଚନା କରୁଥିବା ଦେଖାଯାଏ । ଏହା କଣ ବାସ୍ତବରେ ସତ ? କାରଣ ପୁଲିସ ଓ ସେନା ବିରୋଧରେ କହୁଥିବା ଇମରାନ ଖାଁଙ୍କ ଦଳର ଲୋକ, ବେଲୁଚିସ୍ଥାନର ଯୁବକ, ପାକ୍ ଅଧିକୃତ କାଶ୍ମିରର ଲୋକମାନଙ୍କ ଅବସ୍ଥାକୁ ଆମେ ଦେଖିବାକୁ ପାଉଛେ । ଲୋକମାନଙ୍କୁ ହତ୍ୟା କରିବାକୁ ଆଇଏସ୍‌ଆଇ ଦେଶ ଭିତରେ ଏବଂ ଦେଶ ବାହାରେ ହତ୍ୟାକାରୀ ବାହିନୀକୁ ନିଯୁକ୍ତ କରି ରଖିଛି । ହେଲେ ପାକ୍ ୟୁଟ୍ୟୁବରମାନଙ୍କ ବିରୋଧରେ କଣ ସେନାବାହିନୀ ଚୁପ୍ ହୋଇ ବସିରହିଛି, କଥାଟା ତା ନୁହେଁ । ଏମାନେ ପାକ୍ ପୁଲିସ ଏବଂ ସେନାର ଯୋଜନାକ୍ରମେ ଭାରତୀୟମାନଙ୍କ ମନ ଓ ମସ୍ତିଷ୍କରେ ପ୍ରବେଶ କରିବା ସହ ସେମାନଙ୍କ ସହଯୋଗରେ ଭାରତଗସ୍ତ କରି ଭାରତର ବିଭିନ୍ନ ଅ□ଳର ଫଟୋ, ତଥ୍ୟ ଲୋକମାନଙ୍କ ସଂପର୍କରେ ସୂଚନା ସଂଗ୍ରହ କରିଥାନ୍ତି । ଭାରତରେ କେଉଁ ଲୋକ ପାକ୍ ବିରୋଧୀ ରହିଛି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରନ୍ତି । ମନ୍ତବ୍ୟ ଲେଖୁଥିବା ଲୋକଙ୍କ ଇ-ମେଲ ଏବଂ ସେମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିଥାନ୍ତି । କୋଟି କୋଟି ଭାରତୀୟ ଲୋକଙ୍କୁ ନିଜ ନିଜର ୟୁଟ୍ୟୁବ ମାଧ୍ୟମରେ ଯୋଡି ସେମାନଙ୍କ ଘର, ପରିବାର, ସରକାର, ସହରର ତଥ୍ୟ ଏମାନେ ସଂଗ୍ରହ କରି ପାକ୍ ଗୁଇନ୍ଦା ଏବଂ ସେନାବାହିନୀକୁ ଦେଇଥାନ୍ତି । ଯାହାଫଳରେ ପରବ□ୀ ସମୟରେ ସାଇବର ଆକ୍ରମଣ, ବ୍ୟାଙ୍କରୁ ଅର୍ଥଚୋରୀ ଆଦି କରିବାକୁ ସୁବିଧା ହୋଇଥାଏ । ଏପରିକି ହନିଟ୍ରାପର ଶିକାର ହୋଇ ବହୁ ବୟସ୍କ ବ୍ୟକ୍ତି ମଧ୍ୟ ସେମାନଙ୍କ ବିଭାଗୀୟ ସୂଚନା ଦେଇ ପରେ ଗିରଫ ହୋଇଥିବାର ଘଟଣା ଆମ ନଜରକୁ ଆସିଛି । ଏମାନେ ପ୍ରାୟ ଛଦ୍ମବେଶୀ ହୋଇଥିବାରୁ ସାଧାରଣ ଦର୍ଶକ ସେମାନଙ୍କୁ ଜାଣିବା ଏତେ ସହଜ ହୋଇନଥାଏ । ଏହି ବାଟରେ ପାକ୍‌ର ବୋହୂ ଭାରତରେ ପହ□ କିମ୍ବା ଭାରତର ବୋହୂ ପାକ୍‌କୁ ଚାଲିଯାଏ । ପାକ୍‌ର ମୀନା ଓ ମଞ୍ଜୁଙ୍କ କାହାଣୀ ଆମେ ପୂର୍ବରୁ ଦେଖିସାରିଛୁ । ଏହି ଭାରତର ବିଦେଶୀ କାଳନେମୀଙ୍କ ମାଧ୍ୟମରେ ସୂଚନା କ୍ଷେତ୍ରରେ ଅନୁପ୍ରବେଶ କିପରି ହୋଇଥାଏ ସେ ସଂପର୍କରେ ଏକ ଉଦାହରଣ ଦେଉଛି ଦେଖନ୍ତୁ । କିଛି ମାସ ପୂର୍ବେ ପାକ୍‌ର ଜଣେ ୟୁଟ୍ୟୁବର ପାକ୍ ସେନାର ସୁରକ୍ଷାରେ ଥିବା ଭାରତ ବିରୋଧୀ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍ ସଂପର୍କରେ କିଛି ମିଛ ଖବର ଚଳାଇଲେ । ଦେଖୁଦେଖୁ ସେହି ମିଛ ଖବର ଭାରତର ଟିଭି ଏବଂ ସମ୍ବାଦପତ୍ରଗୁଡିକରେ ମଧ୍ୟ ସ୍ଥାନ ପାଇଲା । ଏଥିରୁ ଜାଣିହେବ ଯେ ଦେଶର ଗଣମାଧ୍ୟମ ବ୍ୟବସ୍ଥାଗୁଡିକରେ ମଧ୍ୟ ପାକ୍‌ର ଏହି ଛାମୁଆଁବାହିନୀ କିପରି ପ୍ରଭାବ ବିସ୍ତାର କରିପାରିଛି ।

ସେହିପରି ନିକଟରେ ଏକ ଘଟଣା ଦୃଷ୍ଟିକୁ ଆସିଲା । ନୂଆଦିଲ୍ଲୀସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ପାଇଁ ଜଣେ ଚୀନା ମହିଳାଙ୍କୁ ହିନ୍ଦୀରେ ଭାରତୀୟମାନଙ୍କୁ ଶୁଭେଚ୍ଛା ଜଣାଉଥିବାର ଦେଖାଗଲା । ସେ ପ□ଶୀଳନୀତି, ଚୀନ ରାଷ୍ଟ୍ରପତିଙ୍କ ମହାନତା, ହିନ୍ଦି-ଚୀନୀ ଭାଇ ଭାଇ ଜୟ ହୋ' କହି କଥା ଶେଷ କଲେ । କିନ୍ତୁ ଏହିଠାରୁ ଆମର କଥା ହିଁ ଆରମ୍ଭ । ଆମ୍ଭେ ଜାଣିଛୁ ଯେ ଭାରତପ୍ରତି ଚୀନ ସରକାରଙ୍କ ଧାରଣା କଣ । ଭାରତର ସୀମାରେ ୪ବର୍ଷରୁ ଅଧିକ ସମୟ ହେଲା କାହିଁକି ହଜାର ହଜାର ଚୀନା ସେନା ରହିଛନ୍ତି। କାହିଁକି ଭାରତରୁ ଚୀନକୁ ସିଧାସଳଖ ବିମାନଚଳାଚଳ ବନ୍ଦ ରହିଛି । କାହିଁକି ଉ□ରପୂର୍ବ ଏବଂ କାଶ୍ମିରରେ ସନ୍ତ୍ରାସବାଦୀଙ୍କଠାରୁ ଚୀନ ରାଇଫଲ ଓ ଗ୍ରେନେଡ ଆଦି ଜବତ କରାଯାଉଛି । କାହିଁକି ଭାରତର ବିଷୟରେ ଚୀନର ଗ୍ଲୋବାଲ ଟାଇମ୍‌ସ ସମ୍ବାଦପତ୍ର ବିଷ ଉଦ୍‌ଗାର କରୁଛି । କାହିଁକି ଭାରତ ସରକାର ଚୀନର ଅନେକ ବସ୍ତୁ ଉପରେ କଟକଣା ଲଗାଇଛନ୍ତି । କାହିଁକି ଅନେକ ଚୀନା ଆପ୍‌କୁ ଭାରତରେ ବନ୍ଦ କରାଯାଇଛି । ଏମାନେ କାଳନେମୀ, ଭାରତୀୟ ଲୋକଙ୍କ ମନରେ ଭ୍ରାନ୍ତଧାରଣା ସୃଷ୍ଟି କରିବା ଏମାନଙ୍କର ଲକ୍ଷ୍ୟ । ଚୀନ ସଂପର୍କରେ ମିଛ କଥା କହି ଠକିବା ହେଉଛି ଏମାନଙ୍କର ଉଦ୍ଦେଶ୍ୟ । ସହଜ ଋଣ ଆପ୍ ମାଧ୍ୟମରେ ଚୀନା ଲୋକମାନେ ଭାରତରୁ ଶହଶହ କୋଟି ଟଙ୍କା ଠକି ନେଇଥିବା ଜଣାଯାଏ । ଏହି ସାଇବର ଠକେଇ ଦିଲ୍ଲୀର ନୋଇଡା ଅ□ଳରୁ ଚାଲୁଥିଲା, ଯାହାର ସଂପର୍କ ହଂକଂ ଏବଂ ଚୀନ ପର୍ଯ୍ୟନ୍ତ ଲମ୍ବିଥିଲା । ଚୀନା ଠକମାନେ ଭାରତରେ ଅଫିସଖୋଲି ବ୍ୟବସାୟ ନାମରେ ସାଇବର ଠକେଇ ଚଳେଇଥିଲେ । ସେମାନେ ଭାରତର ଲୋକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ମଧ୍ୟରେ ଭାରତୀୟ ଲୋକଙ୍କ ତଥ୍ୟ ସଂଗ୍ରହ କରୁଥିଲେ ଏବଂ ପରେ ଚୁନ ମାରୁଥିଲେ । ଏପରି ଘଟଣାରେ କେତେକ ଚୀନା ଲୋକଙ୍କୁ ଭାରତ ସରକାର ଗିରଫ କରିଥିଲେ ମଧ୍ୟ ତାହା ଏବେ ଥାଇଲାଣ୍ଡ, ଲାଓସ,ମ୍ୟାନମାରରୁ ଚାଲୁଛି । ଚାକିରୀ ଦେବାଆଳରେ ଭାରତୀୟ ଲୋକଙ୍କୁ ସେଠାରେ ନିଯୁକ୍ତି ଦିଆଯାଇ ସାଇବର ଠକେଇ ଚାଲୁଛି । ନିକଟରେ କାରୋଲିନା ଗୋସ୍ୱାମୀ ନାମକ ଜଣେ ଭାରତୀୟ ୟୁଟ୍ୟୁବର କିପରି ବିଦେଶୀ ୟୁଟ୍ୟୁବରଙ୍କଠାରୁ ଧମକ ଓ ଆକ୍ରମଣର ଶିକାର ହୋଇଥିଲେ ତାହା ସେ ଉଲ୍ଲେଖ କରିଛନ୍ତି । ଭାରତ ବିରୋଧୀ ୟୁଟ୍ୟୁବର ଧ୍ରୁବରାଠି ବିରୋଧରେ କାରୋଲିନା କହିବା ଯୋଗୁ ସେ ଜର୍ମାନୀଗସ୍ତରେ ଯାଇଥିବାବେଳେ ଜର୍ମାନୀରେ ରହୁଥିବା ଧ୍ରୁବର ଗୋଷ୍ଠୀ କାରୋଲିନାଙ୍କ କାର ଉପରେ ଉପରେ ଆକ୍ରମଣ କରିଥିଲେ । ମୋଦିଙ୍କ ପୋଲାଣ୍ଡ ଗସ୍ତ କାଳରେ ସେ ନିଜ ସମସ୍ୟା ଜଣାଇବାକୁ ଆଗୁଆ ଯାଇଥିଲେ । ଖାଲିସ୍ଥାନୀ, ଜିହାଦି ଏବଂ ପାକ୍ ସମର୍ଥକ ଗୋଷ୍ଠୀଙ୍କ ପକ୍ଷରୁ ସେ ଧମକ ପାଉଥିବାର ଜଣାଯାଏ । ତେଣୁ ବିଦେଶୀ କାଳନେମୀମାନଙ୍କୁ ଭାରତୀୟ ଲୋକେ ଚିହ୍ନିବାର ସମୟ ଆସିଛି । ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ ଅସାମାଜିକ ଲୋକଙ୍କୁ ନିଜ ମନ, ହୃଦୟରେ ପ୍ରବେଶ କରିବା ଲାଗି ସୁଯୋଗ ନଦେବା ଲାଗି ସେମାନେ ଚେଷ୍ଟା କରିବା ଆବଶ୍ୟକ ।

**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# ମନ -ବନ୍ଧନ ଓ ମୁକ୍ତି

ରବିନାରାୟଣ ପଣ୍ଡା

ଯେତେବେଳେ ମନ ବସ୍ତୁ ସହିତ ଯୋଡ଼ି ହୋଇଯାଏ ସେତେବେଳେ ମନୁଷ୍ୟ ବନ୍ଧନ ଭିତରେ ବାନ୍ଧି ହୋଇଯାଏ । ସେହି ମନ ଯେତେବେଳେ ବସ୍ତୁ ଠାରୁ ମୁକ୍ତ ହୋଇଯାଏ ମନୁଷ୍ୟ ମୁକ୍ତି ପାଇଯାଏ । ବନ୍ଧନ ଓ ମୁକ୍ତି ଉଭୟ ମନର ଖେଳ । 'ମନରେ ମୂଳେ ଏ ଜଗତ' । ଅନେକ ସମୟରେ କ୍ଷଣିକ ବସ୍ତୁକୁ ମନ ସତ୍ୟ ବୋଲି ବିବେଚନା କରିନିଏ ଏବଂ ତାହାରି ପଛରେ ଧାବମାନ ହୁଏ । ଭଗବତ ଗୀତାରେ ମନକୁ କ୍ଷଣିକ ଓ ଅସ୍ଥିର ଭାବରେ ବିବେଚନା କରାଯାଇଛି । ମହାଭାରତରେ ଯୁଧିଷ୍ଠିର ଏହାର ଗତି ସଂସାରେ ସବୁଠାରୁ ତୀବ୍ର ବୋଲି ବର୍ଣ୍ଣନା କରିଛନ୍ତି ।

ଏହି ତୀବ୍ରତା କାରଣରୁ ସାମାନ୍ୟ ସମୟରେ ମନ ବୁଦ୍ଧି ଦ୍ୱାରା ବସ୍ତୁ ସଂଗ୍ରହ ପାଇଁ ଅନେକ ତର୍କ ପ୍ରସ୍ତୁତ କରିନିଏ । ମନ ଜଗତର ସମସ୍ତ ବସ୍ତୁକୁ ଉପଯୋଗ କରିବାରେ ସକ୍ଷମ ହୋଇଯାଏ । ଜଗତରେ ବସ୍ତୁକୁ ଆଧାର କରି ମନ ଅନେକ ରଚନା ଆରମ୍ଭ କରେ । ବୁଢିଆଣୀ ଜାଲ ବୁଣିଲା ଭଳି ସଂସାର ନିର୍ମାଣ କରିଯାଏ । କେବେ କେବେ ଦିନରେ ବି ସ୍ୱପ୍ନ ଦେଖେଇବା ଆରମ୍ଭ କରିଦିଏ । ଏପରିକି ପଦାର୍ଥ ବିଜ୍ଞାନର ଗବେଷକ ମଧ୍ୟ ଏହି ମନର ଖେଳରୁ ବର୍ତୀ ପାରନ୍ତି ନାହିଁ । ସେମାନେ ଗବେଷଣା ଗାରରେ ନିୟମିତ ବସ୍ତୁ ଭିତରେ ଥିବା ଅଣୁ, ପରମାଣୁ, ବୈଦ୍ୟୁତିକ କଣିକା ଓ ଚୁମ୍ବକୀୟ ତରଙ୍ଗ ଦେଖୁଛନ୍ତି । ସେମାନଙ୍କୁ ଭଲ ଭାବରେ ଜଣାଅଛି ସତ୍ୟ ହେଉଛି ଐଶରୀୟ କଣିକା (ଶକ୍ତ୍ୟ କ୍ତ୍ଵବକ୍ସ୍ୱସମକ୍ଷର ) । ସମ୍ପୂର୍ଣ୍ଣ ବିଶ୍ୱ ଏକ ଚୁମ୍ବକୀୟ ବଳୟ । ବସ୍ତୁରୁ ଶକ୍ତିକୁ ଏବଂ ଶକ୍ତିରୁ ବସ୍ତୁକୁ ରୂପାନ୍ତରିତ ହେବାର ପ୍ରକ୍ରିୟା ପ୍ରାଞ୍ଜଳ ଭାବରେ ସେମାନେ ସମସ୍ତଙ୍କୁ ବୁଝାଉଛନ୍ତି କିନ୍ତୁ ସଂସାର ଚକ୍ରରେ ବସ୍ତୁକୁ ସତ୍ୟ ବିଚାର କରି ସେହି ଅନୁରୂପ ବ୍ୟବହାର କରୁଛନ୍ତି ।

ବସ୍ତୁର ଆକର୍ଷଣକୁ ସ୍ୱୀକାର କରିନେଉଛନ୍ତି । ମନ ତାର ଆକର୍ଷଣ ଶକ୍ତି ଦ୍ୱାରା ବିବେକ ଓ ଚେତନାକୁ ଏପରି ପ୍ରଭାବିତ କରି ରଖିଥାଏ ଯେ ଜ୍ଞାନ ବା ତତ୍ୱ ବ୍ୟବହାରରେ ଆସିପାରେ ନାହିଁ । ଅଜ୍ଞାନ ଓ ମନ ଭିତରେ ଥିବା ଦୃଢ ସମନ୍ୱୟ ଏପରି ପ୍ରହେଳିକା ନିରନ୍ତର ପ୍ରସ୍ତୁତ କରୁଥାଏ । ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଶରୀରକୁ ବଶୀଭୂତ କରିନିଏ । ଯାହା ସତ୍ୟର ଗତିରୋଧ କରିବାକୁ ସମର୍ଥ ହୋଇଯାଏ । ଆତ୍ମାର ଅସୀମିତ ଶକ୍ତିକୁ ଭରସା ନକରି ମନୁଷ୍ୟ ମନ ଉପରେ ନିର୍ଭରଶୀଳ ହୋଇଯାଏ । ମନ ଜୀବକୁ ପ୍ରଭାବିତ କରି ବୁଦ୍ଧି ଓ ଶରୀରକୁ ସତ୍ୟ ଭାବରେ ଗ୍ରହଣ କରିନିଏ । ଶରୀର ମାଧ୍ୟମରେ ଓ ଶରୀର ପାଇଁ କ୍ରିୟା କରିଚାଲେ । ମନ ଓ ଜୀବ ଭିତରେ ଏକ ସ୍ୱାଭାବିକ ବନ୍ଧୁତ୍ୱ ଭାବ ନିର୍ମାଣ ହୋଇଯାଏ । ଆତ୍ମାର ଶକ୍ତି ଓ ସାମର୍ଥ୍ୟକୁ ଗୌଣ କିମ୍ବା ଉପେକ୍ଷା କରିଚାଲେ । ଅନେକ ସମୟରେ ଜ୍ଞାନ ମଧ୍ୟ ଏହି ଦୃଢ଼ କବଚକୁ ଭାଙ୍ଗି ଆତ୍ମଚେତନାକୁ ପ୍ରକାଶିତ କରିପାରେ ନାହିଁ । ମନକୁ ନିୟନ୍ତ୍ରିତ କରି ତତ୍ୱ ଅନୁରୂପ ବ୍ୟବହାର ଅନେକ ସମୟରେ ସମ୍ଭବ ହୁଏ ନାହିଁ । ମନୁଷ୍ୟ ମନ ବସ୍ତୁକୁ ଆଧାର କରି ଗୋଟିଏ ପରେ ଗୋଟିଏ ଭବନ ବର୍ଷ ବର୍ଷ ଧରୀ ନିର୍ମାଣ କରୁଥାଏ । ଯାହାକୁ ଜୀବନର ପ୍ରକ୍ରିୟା ଭାବେ ଗ୍ରହଣ କରି ମନୁଷ୍ୟ ତାର ଦିନ, ମାସ, ବର୍ଷ ଭଳି ଦୁର୍ଲଭ ସମୟକୁ ବ୍ୟୟ କରି ଚାଲିଥାଏ ।

ମନ ନିୟନ୍ତ୍ରିତ କ୍ରିୟା ଏପରି ସ୍ୱଭାବ ସୁଲ୍ଲଭ ହୋଇଯାଏ ଯେ ତାର ବିଶ୍ଳେଷଣ କରିବା ସମ୍ଭବ ହୁଏ ନାହିଁ । ମନର ବସ୍ତୁ ପ୍ରତି ଆକର୍ଷଣ କାରଣରୁ ଜୀବ ଭିତରେ ଭେଦ ବୁଦ୍ଧି ଉଦ୍ରେକ ହୁଏ । ଏହା ମୋର ତାହା ତାର ଏପରି ବିବେଚନା କରି ବସ୍ତୁ ସରଂକ୍ଷଣ କାର୍ଯ୍ୟକୁ ଜୀବ ପ୍ରାଧାନ୍ୟ ଦିଏ । ଶାସ୍ତ୍ରରେ ଏହାକୁ ବସ୍ତୁ ସଂଗ୍ରହ ଦୋଷ କୁହାଯାଏ । ବସ୍ତୁପ୍ରତି ଆକର୍ଷଣ ମୁକ୍ତିର ମାର୍ଗକୁ ସଂକୀର୍ଣ୍ଣ କରି ବନ୍ଧନକୁ ଅଧିକ ମଜବୁତ କରିଦିଏ । ଜୀବ ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କକୁ ଭୁଲି ଯାଏ । ଅସୀମ ସତା ସହିତ ସମ୍ପର୍କ ନଷ୍ଟ ହୋଇଯାଏ । ନିଜକୁ ବାହାର ଦୁନିଆ ଠାରୁ ପୃଥକ କରିବା ଆରମ୍ଭ କରେ । ନିଜର ନୂତନ ପରିଚୟ ନିର୍ମାଣ କରିବା କାର୍ଯ୍ୟରେ ମନ ବୁଦ୍ଧିକୁ ନିୟୋଜିତ କରିଦିଏ । ନୂତନ ପରିଚୟ ସହିତ ଅସ୍ମିତା ବା ଅହଂକାର ନିର୍ମାଣ ହୋଇଯାଏ । ଅହଂକାର ସୁଖ ଓ ଦୁଃଖର ରସ ଆସ୍ୱାଦନ କରେ । କ୍ଳେଶ ମନର ଏକ ସ୍ୱଉପାର୍ଜିତ ଫଳ ବୋଲି ବିବେଚନା କାରାଯାଇପାରେ । ମନରୁ ବନ୍ଧନ, ବନ୍ଧନରୁ ପରିଚୟ, ପରିଚୟରୁ ଅହଂକାର, ଅହଂକାରରୁ କ୍ଳେଶ ଏପରି ଏକ ଚକ୍ର ଭିତରେ ଆମେ ପଡିଯାଆନ୍ତି । ଠିକ ଯେପରି ରେଶମ କୀଟ ନିଜ ଦ୍ୱାରା ତିଆରି ହୋଇଥିବା ସୁତାରେ ନିଜେ ବାନ୍ଧି ହୋଇଯାଏ । ଶେଷରେ ତାରି ଭିତରେ ଜୀବନ ତ୍ୟାଗ କରେ । ଠିକ୍ ସେହିପରି ମନ ଦ୍ୱାରା ତିଆରି ହୋଇଥିବା ଅବିଦ୍ୟାର ଭଉଁରୀ ଭିତରେ ଜୀବ ଛନ୍ଦି ହୋଇ ପ୍ରାଣ ତ୍ୟାଗ କରେ । ବେଦାନ୍ତରେ ଏହାକୁ 'ତାଦାମ୍'ବୋଲି କୁହାଯାଏ । ମନହିଁ ଅବିଦ୍ୟା । ମନ ସ୍ଥିର ହୋଇଗଲେ ଆକର୍ଷଣ ସମାପ୍ତ ହୋଇଯିବ ଓ ସଂସାର ସୁପ୍ତ ହୋଇଯିବ । ମନ ଜାଗ୍ରତ ହେଲେ ଆକର୍ଷଣ ଆରମ୍ଭ ହେବ ଓ ସଂସାର ଜାଗ୍ରତ ହେବ । ମନ ଓ ବନ୍ଧନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସେଥିପାଇଁ ଯୋଗ ଦର୍ଶନରେ 'ଚିତବୃତି ନିରୋଧ' ପାଇଁ କୁହାଯାଇଛି । ରାମକୃଷ୍ଣ ପରମହଂସଙ୍କ ଏକ ପ୍ରସିଦ୍ଧ ଉକ୍ତି ଅଛି 'ମନକି ଖେଳରେ ବାବା' । ମନକୁ ନିୟନ୍ତ୍ରଣ କଲେହିଁ ଜୀବ ମୁକ୍ତିର ମାର୍ଗ ପାଇପାରିବ ।

**ମଠସାହି, ଭଦ୍ରକ**
**ମୋ-୯୪୩୭୦୧୭୮୫୭**

# ସବୁ ରେସ୍‌ରେ ଆଗୁଆ କରୀନା



ବଲିଉଡର ବେବୋ କହିଲେ ସାଧାରଣତଃ କରୀନାଙ୍କୁ ହିଁ ବୁଝାଏ। ଏହି ଅଭିନେତ୍ରୀ ନିଜ ଚତୁର କଳାର ସଂରଚନାରେ ବଲିଉଡ୍‌ରେ ବେଶ୍ ଦବ୍‌ଦବା ରଖିପାରିଛନ୍ତି। ନିଜ ଅଭିନୟର ଯାଦୁରେ ପ୍ରଶଂସକମାନଙ୍କ ହୃଦୟରେ ବସା ବାନ୍ଧିଥିବାବେଳେ ନିଜର ରିଲ୍ ଲାଇଫ୍‌କୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବେବୋଙ୍କର ଜନ୍ମଦିନରେ ବହୁ ଅଭିନେତା ଓ ତାଙ୍କ ପ୍ରଶଂସକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ମଙ୍ଗଳକାମନା କରିଛନ୍ତି। ବଲିଉଡ୍‌ରେ କରୀନାର ରହିଛି ସ୍ୱତନ୍ତ୍ର ପରିଚୟ। ଶୋବିଜ୍ ଦୁନିଆରେ କରୀନାଙ୍କର ଏକ ଭିନ୍ନ ବ୍ୟକ୍ତିତ୍ୱ ଅଛି। ସେ ହୁଏତ ପ୍ରତିବର୍ଷ ଚଳଚ୍ଚିତ୍ର କରିନପାରନ୍ତି, କିନ୍ତୁ ଇଣ୍ଡଷ୍ଟ୍ରିରେ ରହିଛି ତାଙ୍କର ଜଲୱା। ଯେତେବେଳେ କରୀନା କିଛି ନୂଆ ଟ୍ରେଣ୍ଡ ଷ୍ଟାର୍ଟ କରନ୍ତି, ଏହା ପରଠୁ ବଲିଉଡରେ ଚାଲେ ସେହି ଟ୍ରେଣ୍ଡ। ଏମିତି କୁହାଯାଏ ବାକି ଅଭିନେତ୍ରୀମାନେ ତାଙ୍କୁ ଅନୁସରଣ କରନ୍ତି। ସେ ସାଇଜ୍ ଜିରୋ ଫିଗର୍ ହେଉ ବା ବ୍ଲଣ୍ଡ କେଶ ସବୁଥିରେ ସେ ରେସ୍‌ରେ ଆଗୁଆ। ବଲିଉଡରେ ଏମିତି ଅନେକ ଧାରା ସେ ସ୍ଥିର କରିଛନ୍ତି। ଯେତେବେଳେ କରୀନା ଜିରୋ ସାଇଜ୍ ଟ୍ରେଣ୍ଡ କରିଥିଲେ, ସେ ବୋଧହୁଏ ଭାବି ନଥିଲେ ଯେ ପ୍ରଶଂସକଙ୍କ ମଧ୍ୟରେ ଏହା କେତେ କ୍ରେଜ୍ ହୋଇଯିବ। କରୀନା ଟସନ ଚଳଚ୍ଚିତ୍ର ପାଇଁ ତାଙ୍କ ଲୁକ୍ ପରିବର୍ତ୍ତନ କଲେ। ଯେଉଁଥିରେ ସେ ବିକିନି ପିନ୍ଧି ସେ ନିଜର ଜିରୋ ସାଇଜ୍ ଫଟୋ ସେୟାର କରିଥିଲେ। ଆଉ ଏହି ଫଟୋ ଦେଖିବା ପରେ ମତୁଆଲା ହୋଇଯାଇଥିଲେ ଦର୍ଶକ। ସୈଫ ଅଲି ଖାନଙ୍କ ସହ କରୀନାଙ୍କର ଥିଲା ଏହା ପ୍ରଥମ ଚଳଚ୍ଚିତ୍ର। ତେବେ ଏଥିପାଇଁ କରୀନାଙ୍କୁ ବହୁତ ଗାଳି ଶୁଣିବାକୁ ପଡିଥିଲା। ଖବର ଅଛି ଯେ ସେଟରେ ସୁଟିଂ କରିବା ସମୟରେ କରୀନା ଅନେକ ଥର ଦୁର୍ବଳ ହୋଇଯାଇଥିଲେ। ବାସ୍ତବ ଜୀବନରେ ତାଙ୍କର ଏହି ପଦକ୍ଷେପ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିଥିଲା। ସେ ଟ୍ରେଣ୍ଡ ଏତେ ପପୁଲାର ଥିଲା ଯେ, ସେବେଠୁ ବି ଚାଲିଆସୁଛି ସେ ପରମ୍ପରା। ଏହା ସ୍ୱୀକାର କରିବାକୁ ହେବ ଯେ କରୀନା ସର୍ବଦା କିଛି ନୂଆ ଚେଷ୍ଟା କରିବାରେ ସର୍ବଦା ଆଗୁଆ। ସେଥିପାଇଁ କରୀନା ଏପରି କଲେ ଯାହା କେହି କେବେ କରିନାହାଁନ୍ତି। ଆଜି ସେ ୪୧ ବର୍ଷରେ ପଦାର୍ପଣ କରିଛନ୍ତି। ତଥାପି ବଲିଉଡରେ ନିଜର ନୂଆ ଟ୍ରେଣ୍ଡ ବଜାୟ ରଖିବାରେ ସେ ଅନେକ ଅଭିନେତ୍ରୀଙ୍କୁ ପଛରେ ପକାଇଛନ୍ତି।

## ଶହେ ଭାଷା କହିପାରୁଥିବା ରୋବୋର୍ଟ



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋର୍ଟ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି। କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ। ଏକ ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋର୍ଟ ତିଆରି କରିଥିଲେ। ଏହାର ନାଁ 'ସୁରେନା'। ରିପୋର୍ଟ ଅନୁସାରେ ଏହି ରୋବୋର୍ଟ ଯେ କୌଣସି ଜିନିଷକୁ ଉଠାଇପାରିବ। ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ। ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ।

## ବିଶ୍ୱ ରେକର୍ଡ କରିବାର ନିଶା



କୌଣସି କ୍ଷେତ୍ରର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ସମ୍ପର୍କରେ ଜାଣିବାକୁ ଉତ୍ସୁକତା ରହିବା ସ୍ୱାଭାବିକ। ତେବେ ସମୟାନୁକ୍ରମେ ସଂପୃକ୍ତ ପ୍ରଦର୍ଶନକାରୀଙ୍କ ଠାରୁ ଉନ୍ନତ ପ୍ରଦର୍ଶନ ପୂର୍ବକ ତାଙ୍କଠାରୁ ଆଉ କେହି ଶ୍ରେୟ ଛଡ଼ାଇ ନେଇ ନିଜ ନାମରେ ତାହାକୁ ଲିପିବଦ୍ଧ କରିବା ଏକ ପ୍ରଥା ପାଲଟିଗଲାଣି। ତେଣୁ ବିଭିନ୍ନ କ୍ଷେତ୍ରରେ ବିଶ୍ୱ ରେକର୍ଡମାନ ସୃଷ୍ଟି ହୋଇ ଭାଙ୍ଗିଚାଲିଛି। ଏହାର ଟିକିନିଖି ହିସାବ ରଖିବା ପାଇଁ ମଧ୍ୟ ଗିନିସ୍ ୱାର୍ଲଡ୍ ରେକର୍ଡସ୍ ପରି ସଂସ୍ଥା ଅନବରତ ସଜାଗ ରହିଛନ୍ତି। ତେବେ ରୋଚକ କଥା ହେଲା, ଏପରି ନୂଆ ନୂଆ ରେକର୍ଡ କରିବା, ଅର୍ଥାତ୍ ଅନ୍ୟ ଦ୍ୱାରା ସ୍ଥାପିତ ରେକର୍ଡକୁ ଭଙ୍ଗ କରିବାରେ ମଧ୍ୟ ରେକର୍ଡ ସୃଷ୍ଟି ହୋଇ ଚାଲିଛି। ଆଶ୍ରିତ ଫର୍ମାନ ହେଉଛନ୍ତି ଏଭଳି ଜଣେ ବ୍ୟକ୍ତି ଯିଏ କି ବିଶ୍ୱ ରେକର୍ଡ ସୃଷ୍ଟି କରିବାରେ ରେକର୍ଡ କରିଛନ୍ତି। ସେ ବହୁବାର ନିଜ ରେକର୍ଡକୁ ନିଜେ ଭାଙ୍ଗିବା ସହ ଅଦ୍ୟାବଧି ୬୦୦ରୁ ଅଧିକ ଗିନିସ ୱାର୍ଲଡ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେଥିରୁ ୫୩୦ଟି ରେକର୍ଡକୁ ବର୍ତ୍ତମାନ ସୁଦ୍ଧା କେହି ଭାଙ୍ଗି ପାରିନାହାନ୍ତି। କେବଳ ସେତିକି ନୁହେଁ, ଏକାଦିକ୍ରମେ ସେ ୧୦୦ଟି ରେକର୍ଡ ସୃଷ୍ଟି କରିବାର ମଧ୍ୟ ବିରଳ ରେକର୍ଡ ସ୍ଥାପନ କରିଛନ୍ତି। ନ୍ୟୁୟର୍କର ବ୍ରୁକଲିନ୍‌ଠାରେ ୧୯୫୪ ସେପ୍ଟେମ୍ବର ୧୬ ତାରିଖରେ ଜନ୍ମିତ ଫର୍ମାନ୍ ୧୯୭୯ ମସିହାରୁ ଅନ୍ୟମାନଙ୍କ ରେକର୍ଡ ଭାଙ୍ଗିବା ଆରମ୍ଭ କରିଥିଲେ। ଏପରିକି ସେ ସମସ୍ତ ସାତଟି ଯାକ ମହାଦେଶର ୪୦ଟି ଦେଶରେ ନିଜର କୃତିତ୍ୱ ପ୍ରଦର୍ଶନ ପୂର୍ବକ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ରେକର୍ଡଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ୟାକ୍ ରେସିଂ (ବସ୍ତା ଦୌଡ଼), ସ୍କିପିଙ୍ଗ୍ (ଦଉଡ଼ି ଡିଆଁ), ମିଲ୍କ ବଟଲ୍ ବାଲାନ୍ସିଂ (ମୁଣ୍ଡ ଉପରେ କ୍ଷୀର ବୋତଲ ଭାରସାମ୍ୟ କରି ରଖିବା), ସମରସଲ୍ଟିଂ, ଷ୍ଟିଲ୍ଟ ୱାକିଂ (ଶୂନ୍ୟରେ ବନ୍ଧା ଦଉଡ଼ି ଉପରେ ଚାଲିବା), ଆଙ୍ଗୁଠିରେ ଏକ ଲମ୍ବା ଖୁଣ୍ଟକୁ ଭାରସାମ୍ୟ କରି ରଖିବା, ବେଲୁନ୍ ଫୁଙ୍କିବା, ଛୁରୀ ଫିଙ୍ଗି ଧରିବା, ବଲ୍ ଉପରେ ସିଧା ହୋଇ ବସିରହିବା, ଦଉଡ଼ି ଉପରେ ଚାଲି ଚାଲି ଉଚ୍ଚତମ ପାହାଡ଼ ଚଢ଼ିବା ଏବଂ ଚାବୁକ ଉପରେ କୌଣସି ବସ୍ତୁକୁ ସ୍ଥିର କରି ରଖିବା ଆଦି ରହିଛି।

## ବଦଳିଯିବ ସାରା ବିଶ୍ୱର ନକ୍ସା

ପୃଥିବୀ ପ୍ରତି ସେକେଣ୍ଡରେ ବିନାଶ ଆଡେ ବଢିବାକୁ ଲାଗିଛି। ଏହାକୁ ଅଟକାଇବା କାହା ପକ୍ଷେ ବି ସମ୍ଭବ ନୁହେଁ। ନିକଟରେ ହୋଇଥିବା ଏକ ଅଧ୍ୟୟନରେ ଏନେଇ ଖୁଲାସା ହୋଇଛି । ଏହି ଅଧ୍ୟୟନକୁ ଏକ ଜର୍ଣ୍ଣାଲରେ ପ୍ରକାଶ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ୫ ବଡ ପ୍ରାକୃତିକ ବିପଦ ସାମ୍ନାରେ ଠିଆ ହୋଇଛି ପୃଥିବୀ। ଏଥିମଧ୍ୟରୁ ସବୁଠାରୁ ବଡ ବିପଦ ହେଉଛି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ। ଏହି ବରଫ ଲଗାତର ତରଳୁଛି। ୟୁନିଭର୍ସିଟି ଅଫ୍ ଏକ୍ସଟରର ରିସର୍ଚ୍ଚର୍ସ ଟିମ୍ ଲେଣ୍ଟନ୍ କହିଛନ୍ତି କି ଏହା ସାରା ବିଶ୍ୱର ନକସା ହିଁ ବଦଳାଇଦେବ। ଯଦି ଆପଣ ମହାକାଶରୁ ପୃଥିବୀକୁ ଦେଖିବେ ତେବେ ଆପଣଙ୍କୁ ସମୁଦ୍ର ଜଳସ୍ତରରେ ବୃଦ୍ଧି ଦେଖିବାକୁ ମିଳିବ। ଯେଉଁ ପ୍ରାକୃତିକ ବିପଦ କଥା କୁହାଯାଉଛି ସେନେଇ ଟିମ୍ ଲେଣ୍ଟନ ୨୦୦୮ରେ ଏକ ଅଧ୍ୟୟନ କରିଥିଲେ। ଉଭୟ ଅଧ୍ୟୟନରେ ଏକଥା ଉପରେ ଜୋର ଦିଆଯାଇଛି କି ଯଦି ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ୍ ୱାର୍ମିଂକୁ ରୋକିବାନି ତେବେ ପ୍ରକୃତି ନିଜେ ଏହାର ପ୍ରତିଶୋଧ ନେବ। କାରଣ ଏକ ନିର୍ଦ୍ଧାରିତ ସୀମା ପରେ ତାର ସହିବାର ସୀମା ସମାପ୍ତ ହୋଇଯିବ। ସେ ନିଜେ ନଷ୍ଟ ହେବ, ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ନଷ୍ଟ କରିବ। ଯଦି ଆଜିର ତାରିଖରେ ଗ୍ଲୋବାଲ ୱାର୍ମିଂ ଅଟକିଯାଏ ତେବେ ମଧ ବରଫ ତରଳିବା ଅଟକିବନି। ସମୁଦ୍ରରେ ଆସୁଥିବା ପରିବର୍ତ୍ତନକୁ ରୋକାଯାଇହେବନି। ସାଇନ୍ସ ଜର୍ଣ୍ଣାଲରେ ଛପିଥିବା ପ୍ରଥମ ୨୦୦ ଅନ୍ୟ ଷ୍ଟଡିଜର ବିଶ୍ଳେଷଣ ମଧ୍ୟ କରାଯାଇଛି। ଯାହା ଫଳରେ ଏହା ଜଣାପଡିବ କି ଏହି ୫ ପ୍ରାକୃତିକ ବିପଦକୁ ପୃଥିବୀ କେବେ ପାର୍ କରିପାରିବ ଏବଂ ଏଥିରୁ ଜଣାପଡିଲା କି ଏବେ ୯ ଗ୍ଲୋବାଲ ଟିପିଂ ପଏଣ୍ଟ ରହିଛି ଯାହା ପୃଥିବୀର ସାରା ସିଷ୍ଟମକୁ ଖରାପ କରୁଛି। ଏହା ବ୍ୟତୀତ ୭ ଆଞ୍ଚଳିକ ଟିପିଂ ପଏଣ୍ଟ ମଧ୍ୟ ରହିଛି। ଏହି ୧୬ ଟିପିଂ ପଏଣ୍ଟ ମଧ୍ୟରୁ ୫ ଏମିତି ପଏଣ୍ଟ ରହିଛି ଯାହା ଆଜି ବି ଉପସ୍ଥିତ ଅଛି। ପ୍ରଥମ ହେଉଛି ଗ୍ରୀନଲ୍ୟାଣ୍ଡ୍ ଏବଂ ଆଣ୍ଟାର୍ଟିକାର ବରଫ। ଦ୍ୱିତୀୟଟି ହେଉଛି ହେଉଛି ପର୍ମାଫ୍ରାଷ୍ଟର ଶେଷ ହେବା। ତୃତୀୟଟି ହେଉଛି ଲାବରାଡୋର ସାଗରରେ କନଭେକ୍ସନର ଅଭାବ। ତେବେ ସବୁଠାରୁ ଭୟଙ୍କର ହେବ ଯଦି ଗ୍ରୀନଲ୍ୟାଣ୍ଡ ଏବଂ ଆଣ୍ଟାର୍ଟିକା ସମ୍ପୂର୍ଣ୍ଣ ତରଳିଯିବ। ଟିମ୍ ଲେଣ୍ଟନ କହିଛନ୍ତି କି ଯଦି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ ସମ୍ପୂର୍ଣ୍ଣ ତରଳିଯିବ ତେବେ ଜଳସ୍ତର ୧୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅର୍ଥାତ୍ ୩୨.୮୦ ଫୁଟ। ଏହାର ଅର୍ଥ ବିଶ୍ୱର ଅନେକ ବଡ ବଡ ଦେଶ ଅଧାରୁ ଅଧିକ ବୁଡିଯିବ। କିଛି ଦେଶ ସମ୍ପୂର୍ଣ୍ଣ ଗାଏବ ହୋଇଯିବ। ଲଗାତର ବଢୁଥିବା ଉତ୍ତାପ ଯୋଗୁଁ କୋରାଲ ରିଫ୍ସ ଧିରେ ଧିରେ ମରୁଛନ୍ତି। ଏଥିଯୋଗୁଁ ପରୋକ୍ଷରେ ତାଙ୍କ ସାହାରାରେ ବଞ୍ଚୁଥିବା ୫୦ କୋଟି ଲୋକ ମଧ୍ୟ ପ୍ରାଣ ହରାଇବେ।



## ସପନାଙ୍କୁ ମିଳିଲା ଆଶ୍ୱସ୍ତି



ହରିୟାଣାର ଡ୍ୟାନ୍ସର ସପନା ଚୌଧୁରୀ ସୋମବାର କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ଆତ୍ମ ସମର୍ପଣ ପରେ ଏସ୍‌ଜିଏମ୍ କୋର୍ଟ ସପନାଙ୍କୁ ନିଜ ହେପାଜତକୁ ନେଇଛନ୍ତି। ସପନା ଚୌଧୁରୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହି କାରଣରୁ ତାଙ୍କୁ କୋର୍ଟରେ ହାଜର ହେବାର ଥିଲା। ଗତ ୬ ତାରିଖ ଦିନ କୋର୍ଟରେ ହାଜର ହେବା ପୂର୍ବରୁ ଜଜ ଶାନ୍ତନୁ ତ୍ୟାଗୀ ଜରୁରୀକାଳୀନ ଛୁଟିରେ ଚାଲି ଯାଇଥିଲେ। ଏହି କାରଣରୁ ସପନା ହାଜର ହୋଇ ପାରିନଥିଲେ। ଏହାର କିଛି ସମୟ ପରେ ସପନାଙ୍କ ବିରୋଧରେ ଜାରି ୱାରେଣ୍ଟକୁ କୋର୍ଟ ପ୍ରତ୍ୟାହାର କରିଛନ୍ତି। କିଛି ସମୟ ପରେ କୋର୍ଟ ତାଙ୍କୁ ନିଜ ହେପାଜତରୁ ମୁକ୍ତ କରିଛନ୍ତି। କୋର୍ଟ ସପନା ଚୌଧୁରୀଙ୍କ ବିରୋଧରେ ୱାରେଣ୍ଟ ଏହି ସର୍ତ୍ତରେ ସମାପ୍ତ କରିଛନ୍ତି ଯେ, ସେ କୋର୍ଟ କାର୍ଯ୍ୟରେ ସହଯୋଗ କରିବେ ଏବଂ ନିର୍ଦ୍ଧାରିତ ଶୁଣାଣିରେ ଉପସ୍ଥିତ ରହିବେ। ମାମଲାର ପରବର୍ତ୍ତୀ ଶୁଣାଣି ସେପଟ୍ଟେମ୍ବର ୩୦ ତାରିଖ ଧାର୍ଯ୍ୟ କରାଯାଇଛି। ଅଭିଯୋଗ ଅନୁସାରେ, ଲକ୍ଷ୍ନୌର ସ୍ମୃତି ଉପବନରେ ସପନା ଚୌଧୁରୀଙ୍କ ଏକ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିଲା ଏଥିପାଇଁ ହଜାର ହଜାର ଟିକେଟ୍ ବିକ୍ରି ହୋଇଥିଲା। ସପନା ଚୌଧୁରୀଙ୍କୁ ଅଗ୍ରୀମ ରାଶି ମଧ୍ୟ ଦିଆ ସରିଥିଲା। କିନ୍ତୁ ସପନା ଚୌଧୁରୀ ପହଞ୍ଚିଲେ ନାହିଁ, ଫଳରେ କାର୍ଯ୍ୟକ୍ରମକୁ ରଦ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ସପନା ଅଗ୍ରୀମ ଆକାରରେ ଯେଉଁ ଟଙ୍କା ନେଇଥିଲେ ତାହା ମଧ୍ୟ ଆୟୋଜକଙ୍କୁ ଫେରାଇ ନଥିଲେ। ଏହି ମାମଲାରେ ୨୦୧୮ ଅକ୍ଟୋବର ୧୩ରେ ଆଶିୟାନା ଫାଣ୍ଡିର ସବ ଇନ୍ସପେକ୍ଟର ଫିରୋଜ ଖାନ ସପନା ଚୌଧୁରୀ, ରତ୍ନାକର ଉପାଧ୍ୟାୟ, ଅମିତ୍ ପାଣ୍ଡେ, ପହଲ ଇନଷ୍ଟିଚ୍ୟୁଟ୍‌ର ଇବାଦ ଅଲୀ, ନବୀନ ଶର୍ମା ଏବଂ ଜୁନୈଦ ଅହମ୍ମଦଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଥିଲେ। ଏଥିସହ ୨୦୧୯ ଜାନୁଆରୀ ୨୦ରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ସପନା ଚୌଧୁରୀଙ୍କ ବିରୋଧରେ ମାର୍ଚ୍ଚ ୧ରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା।

# ମା ଅନ୍ଧାରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ପାଟଣା ,୧୭/୨(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ତିନି ଦିନ ଧରି ଚାଲିଥିବା ମା ଅନ୍ଧାରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି । ତୁରୁମୁଙ୍ଗା ଓ କୋଳିପଶି କ୍ରିକେଟ ଟିମ ମଧ୍ୟରେ ରୋମାଞ୍ଚକର ପ୍ରତିଯୋଗିତା ହୋଇଥିଲା । ଶେଷରେ ତୁରୁମୁଙ୍ଗା ଦଳ ୧୪୩ ରନ କରି ଚମ୍ପିୟାନ ହୋଇଥିବା ବେଳେ କୋଳିପଶି ଦଳ ୧୪୧ ରନ କରି ରନର୍ସଅପ ହୋଇଥିଲେ । ଚମ୍ପିୟାନ ତୁରୁମୁଙ୍ଗା ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଥିଲା । ଉଦୟପୁର ପଂଚାୟତ ର ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ନାଏକ ଚମ୍ପିୟାନ ତୁରୁମୁଙ୍ଗା ଦଳ କୁ ପୁରସ୍କାର ପ୍ରଦାନ କରିଥିଲେ । ରନର୍ସ ଅପ କୋଳି ପଶି ଦଳକୁ ଟ୍ରଫି ସହିତ ନଗଦ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତୁରୁମୁଙ୍ଗା ଦଳ ର ରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ହୋଇ ପୁରସ୍କୃତ ହୋଇଥିବା ବେଳେ କୋଳିପଶି ( ମୟୁରଭଞ୍ଜ ) ଦଳ ର ସିପୁ ମ୍ୟାନ ଅଫ ଦି ସିରିଜ ହୋଇ ପୁରସ୍କୃତ ହୋଇଥିଲେ ।ଆଦିତ୍ୟ କୁମାର ବଘେଲ, ତାପସ କୁମାର ସାହୁ, ଚିନ୍ତା ମଣି ପାତ୍ର, ଦେବଜ୍ୟୋତି ସିଂ, ସମ୍ବିତ ପରିଡ଼ା ପ୍ରସନ୍ନ ପରିଡା, ଶମ୍ଭୁନାଥ ପାତ୍ର, କିରଣ ପ୍ରସାଦ ସାମଲ ଓ ମା ଅନ୍ଧାରୀ କ୍ଲବ ର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହଯୋଗ ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୌମ୍ୟଜିତ ମହାପାତ୍ର ଓ ତ୍ରିପୁରାରି ପାତ୍ର ଅମ୍ପାୟାର ଭାବେ ୩ ଦିନ ଧରି ଖେଳ କୁ ପରିଚାଳନା କରିଥିଲେ ।

# ଶୁଦ୍ଧିକ୍ରିୟା ସହାୟତା ପ୍ରଦାନ କଲା ଭରସା ପରିବାର

ପାଟଣା ୧୭/୨(ନି.ପ୍ର): ପାଟଣା କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଶିଆଳିଯୋଡ଼ା ଗ୍ରାମରେ ଏକାକି ରହୁଥିବା ମୋହନ ଲୋହାରଙ୍କ ମୃତ୍ୟୁ ପରେ ପଡ଼ି ରହିଥିବା ଶବର ସୂଚନା ପାଇ ଗତ ୭ ତାରିଖ ଶୁକ୍ରବାର ଦିନ ଭରସା ପରିବାର ପକ୍ଷରୁ ସମ୍ମାନ ସହକାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଅସହାୟ ବୃଦ୍ଧଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଭରସା ପରିବାର ପକ୍ଷରୁ ଆବଶ୍ୟକୀୟ ସହାୟତା ପ୍ରଦାନ କାର୍ଯ୍ୟରେ ଉପସ୍ଥିତ ଥିଲେ ରାଜ୍ୟ ସଭାପତି ପ୍ରତାପ କୁମାର ରାୟଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ବେଣୁ ଧର ମହାନ୍ତ, କୋଷାଧ୍ୟକ୍ଷ ବୁଧୁରାମ ମହାନ୍ତ, ସମ୍ପାଦକ ପଦ୍ମନାଭ ମହାନ୍ତ, ରାଜ୍ୟ କାର୍ଯ୍ୟକାରି ସଭାପତି ଭରତ ଚନ୍ଦ୍ର ମହାନ୍ତ, ମହେଶ୍ୱର ମହାନ୍ତ, ସ୍ନେହଲତା ନାଏକ,ଅନିଲ କୁମାର ବେହେରା , ରାଜକିଶୋର ବାରିକ,ଛତିଶ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ, ବୀଣାପାଣି ଗିରି,ଗଣେଶ୍ୱର ମହାନ୍ତ,ହେମଲତା ମହାନ୍ତ,ସବିତା ମହାନ୍ତ , ବାସନ୍ତୀ ମହାନ୍ତ,ଭାନୁମତୀ ମହାନ୍ତ, କୁଶାଲ ଚନ୍ଦ୍ର ମହାନ୍ତ,ଦୁର୍ଗା ମୁଣ୍ଡା, ଖିରମଣି ମହାନ୍ତ ,ପ୍ରଦୀପ କୁମାର ନାଏକ , ତପନ ମହାନ୍ତ , ଗଗନ ମହାନ୍ତ ଓ ଗଣମାଧ୍ୟମ ପ୍ରତିନିଧି ଦଶରଥ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶବଦାହ ଠୁ ଶୁଦ୍ଧିକ୍ରିୟା, ରକ୍ତଦାନ ଠୁ ପରିବେଶ ସୁରକ୍ଷା, ନିଶା ନିବାରଣ ଠୁ ଜଙ୍ଗଲ ନିଆଁ ନିବାରଣ ସଚେତନତା ଭଳି ସୁସ୍ଥ ସମାଜ ଗଠନରେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ହାତକୁ ନେଇ ସଙ୍ଗଠନ ପ୍ରଶଂସା ର ପାତ୍ର ହୋଇଛି ।

# ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ବାଣପୁରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାଣପୁର ୧୭/୨(ନି.ପ୍ର): ରବିବାର ଦିନ ହିନ୍ଦୁ ଏକତା ମଞ୍ଚ, ଭାରତ ବାଣପୁର ଶାଖା ଦ୍ୱାରା ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଭଗବଦ ଗୀତା ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ସଂଗଠନ ର ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଡକ୍ଟର ଚିନ୍ତାମଣି ମିଶ୍ର, ସତ୍ୟନାରାୟଣ ଷଡ଼ଙ୍ଗୀ, ରଙ୍ଗନାଥ ସେଠି, ଇଂ. ଶେଷଦେବ ବରାଳ, ପଣ୍ଡିତ ବାଲ୍ମୀକି ଦାସ, ସଞ୍ଜୟ କୁମାର ଦାଶ, ଅଧ୍ୟାପିକା ସୁଜାତା ମିଶ୍ର, ବ୍ରଜକିଶୋର ଜେନା ପ୍ରଭୃତି ଯୋଗ ଦେଇ ଭଗବଦ ଗୀତାର ମହାତ୍ମ୍ୟ ଓ ଏହା ମାନବ ଜୀବନ ପାଇଁ କେତେ ମୂଲ୍ୟବାନ, ସେ ସମ୍ପର୍କରେ ମତ ରଖିଥିଲେ।ସଭାପତି ଶ୍ରୀ ଜେନା ସଂଗଠନ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବାଣପୁର ପାଇଁ ଏକ କମିଟି ଘୋଷଣା କରିଥିଲେ। କୃତି ଛାତ୍ର ଛାତ୍ରୀ ମାନେ ଅତିଥିମାନଙ୍କ ଠାରୁ ପ୍ରମାଣ ପତ୍ର, ଗୀତା ବହି ଓ ଟ୍ରଫି ଗ୍ରହଣ କରିବା ପରେ ଅଧ୍ୟାପିକା ସୁସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତରତ-ସହଦେବପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ଅନିୟମିତତା ; ସ୍ଥାୟିତ୍ୱ ନେଇ ସନ୍ଦେହ

## କ୍ରସର ଗୁଣ୍ଡ ବଦଳରେ ମାଟି ବାଲି ବ୍ୟବହାର; ସାଧାରଣରେ ଅସନ୍ତୋଷ



ନିଶ୍ଚିନ୍ତକୋଇଲି ୧୭/୨(ନି.ପ୍ର): କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତରତ-ସହଦେବପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । କାର୍ଯ୍ୟ ତଦାରଖରେ ବିଭାଗୀୟ ଅଧିକାରୀ ମାନଙ୍କ ଟାଳଟୁଳ ନୀତି ଯୋଗୁଁ ଠିକାଦାର ସରକାରୀ ନିୟମ ସମ୍ପୂର୍ଣ୍ଣ ଉଲ୍ଲଘଂନ କରି ମନମୁଖୀ ଭାବେ କାର୍ଯ୍ୟ କରୁଛି । ଫଳରେ ଉକ୍ତ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି । ଅଭିଯୋଗରୁ ଜଣାଯାଏ ୨୦୨୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ତରତ-ସହଦେବପୁର ପୂର୍ତ୍ତବିଭାଗ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ ହୋଇଥିଲା । ୧୧କି.ମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ନିମନ୍ତେ ୨୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହା ପରେ ଠିକାଦାର ଜଣକ ଏହି କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଅଦ୍ୟାବଧି ୨୫ଭାଗ କାମ ହୋଇନଥିବା ଜଣାଯାଇଛି । ଉକ୍ତ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ କରାଯିବା ସହିତ ଏହାର ଦୁଇ ପାର୍ଶ୍ୱକୁ ଖୋଳି ଦୀର୍ଘ ଦିନ ପକାଇ ରଖୁଥିବାରୁ ଯାତାୟତରେ ବହୁ ସମସ୍ୟା ଉପୁଜୁଛି । ଉକ୍ତ ରାସ୍ତାର ଦୁଇପାର୍ଶ୍ୱ ତିନି ଫୁଟ ଲେଖାଏଁ ଓସାର କରାଯିବା ନିମନ୍ତେ ଚୁକ୍ତି ହୋଇଥିବା ବେଳେ ଏହା ସବୁ ସ୍ଥାନରେ ସଠିକ୍ ଓସାର କରାଯାଉନଥିବା ଦେଖାଦେଇଛି । ନିୟମ ଅନୁଯାୟୀ ରାସ୍ତାର ଉଭୟପାର୍ଶ୍ୱ କୁ ୨ଫୁଟ ଲେଖାଏଁ ଗଭୀର ରେ ଖୋଳାଯିବା ପରେ ତାହାକୁ ରୋଲିଂ କରାଯାଇ ସେଥିରେ କ୍ରସର ଗୁଣ୍ଡ ଏବଂ ହାଫ୍ ଇଂଞ୍ଚିର ବଜୁରୀ ମିଶାଇ ପୋତାଯିବା କଥା ହେଲେ ଠିକାଦାର ଜଣକ ଦୁଇଫୁଟରୁ କମ୍ ଗଭୀର ଖୋଳି କୌଣସି ରୋଲିଂ ନକରି ସେଥିରେ ମାଟି ଓ ବାଲି ପକାଇ ପୋତୁଥିବା ଅଭିଯୋଗ ହେଉଛି । ଏଭଳି ମାଟି ଓ ବାଲିରେ ପୋତିଲେ ରାସ୍ତା ଉଭୟ ପାର୍ଶ୍ୱ ଧସିଯିବାର ଆଶଙ୍କା ପ୍ରକାଶ ପାଇଛି । ଠିକାଦାର କାର୍ଯ୍ୟ କରୁଥିବାବେଳେ ଏହାର ତଦାରଖ ପାଇଁ ପୂର୍ତ୍ତବିଭାଗ ପକ୍ଷରୁ କେହି ଉପସ୍ଥିତ ହେଉନଥିବାରୁ ଏଭଳି ଅବସ୍ଥା ଦେଖାଯାଇଛି । ରାସ୍ତା କାର୍ଯ୍ୟ ଚାଲିଥିବାବେଳେ କେହି ସାଧାରଣ ଲୋକେ ଯଦି କିଛି କହୁଛନ୍ତି ତାହେଲେ ତାଙ୍କୁ ଧମକ ଦିଆଯାଉଥିବା ଜଣାଯାଇଛି । ଉକ୍ତ ଅଭିଯୋଗ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ । ସଠିକ୍ ଭାବେ ଉକ୍ତ ରାସ୍ତା ନିର୍ମାଣ କରାଯିବା ପାଇଁ ଏହି ଅ□ଳର ଜନସାଧାରଣ ମାନେ ଦାବି କରୁଥିଲା ବେଳେ ଯେତିକି କାର୍ଯ୍ୟ କରାଯାଇଛି ତାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି । ଦୀର୍ଘ ୨୪ବର୍ଷର ବିଜୁ ଜନତା ଦଳର ସରକାରରେ ଶିକ୍ଷା ବ୍ୟବସ୍ଥା ଯେମିତି ଚାଲୁଥିଲା ୨୦୨୪ ମସିହା ପରେ ରାଜ୍ୟରେ ସରକାର ବଦଳି ଭାରତୀୟ ପାର୍ଟିର ସରକାର ହେଲେ ମଧ୍ୟ ଶିକ୍ଷାବିଭାଗର ନୀତିରେ ପରିବର୍ତ୍ତନ ହୋଇ ପାରିଲା ନାହିଁ । କେବେ ଶିକ୍ଷାନୀତିରେ ଆସିବ ସୁଧାର ତାହା ଦେଖିବାକୁ ବାକି ରହିଲା ।

# ବେଲଗୁଣ୍ଠାରେ ଚଉଦତମ ବ୍ଲକ୍ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ବେଲଗୁଣ୍ଠା ୧୭/୨(ନି.ପ୍ର): :ଆଜି ବେଲଗୁଣ୍ଠା ବ୍ଲକ୍ ର ସମସ୍ତ ଚବିଶିଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ଚଉଦତମ ବ୍ଲକ୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବ୍ଲକ୍ ର ବୋରୀ ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ସାହୁ ପରିଚାଳନା କରିଥିଲେ ଓ ବୈଠକରେ ଗତ ବୈଠକର ବିବରଣୀ ପାଠ କରାଯାଇଥିଲା ଓ ଆଜିର ବୈଠକରେ ଅପାର ଆଇଡି ପଞ୍ଜୀକରଣ, ଉତ୍କର୍ଷ କାର୍ଯ୍ୟକ୍ରମ, ଖାନ୍ ଏକାଡ଼େମୀ, ଆକାଙ୍କ୍ଷୀ ପାଠ୍ୟକ୍ରମ, ପଞ୍ଚ ସଖା ଶିକ୍ଷା ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ,ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କ ନାମ ଲେଖା ସମ୍ପର୍କରେ ଆଲୋଚନା କରାଯିବା ସହିତ ବିଦ୍ୟାଳୟର ପରିଦର୍ଶନ କରାଯାଇଥିଲା ଓ ଏହା ସହିତ ଆଗାମୀ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ଉପସ୍ଥିତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଏହାର ଶୈକ୍ଷିକ ଏବଂ ଭୌତିକ ବାତାବରଣକୁ ପ୍ରଶଂସା କରିଥିଲେ ଓ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜଗତପୁର କଂଗ୍ରେସ ପକ୍ଷରୁ ନବନିଯୁକ୍ତ ରାଜ୍ୟ କଂଗ୍ରେସ ସଭାପତି ଓ ପ୍ରଭାରୀଙ୍କୁ ଶୁଭେଚ୍ଛା

ଜଗତପୁର ୧୭/୨(ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ନେତା ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନାମ ଘୋଷଣା ପରେ ରାଜ୍ୟରେ କଂଗ୍ରେସ କର୍ମୀଙ୍କ ମହଲରେ ଖୁସୀର ଲହରୀ ଖେଳିଯାଇଛି । ଏହି ଅବସରରେ ଜଗତପୁର କଂଗ୍ରେସ ପକ୍ଷରୁ କଟକ ନଗର ୮ ନମ୍ବର ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, କଟକ ନଗର ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡା, ୪୮ ନଂ ୱାର୍ଡ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ଶ୍ରମିକନେତା ଲକ୍ଷ୍ମୀଧର ସରଣ, ନଗର କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷା ସୁମତୀ ହେମ୍ବ୍ରମ, ବରିଷ୍ଠ କଂଗ୍ରେସ ନେତା ଲଳିତ ଭୂୟାଁ, ହେମରାଜ ବିଶ୍ୱାଳ, ଗୋଲେଖ ଚନ୍ଦ୍ର ରାଉତ, ଆବାସ ମଲିକ, ଧୀରେନ୍ଦ୍ର ମହାନ୍ତି, ଉମାଶଙ୍କର ସାମଲ, ପ୍ରବୀର ରଥ, ହେମନ୍ତ ବିଶ୍ୱାଳ, ଦିଲ୍ଲୀପ ଚୌଧୁରୀ, ତପନ ବେହେରା ପ୍ରମୁଖ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଦାସଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ନୂତନ ଭାବେ ନିଯୁକ୍ତି ପାଇଥିବା ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ ଲଲୁଙ୍କୁ ମଧ୍ୟ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ଏଥିସହ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ସର୍ବମାନ୍ୟନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ, ବେଣୁଗୋପାଳ ପ୍ରମୁଖଙ୍କୁ କଂଗ୍ରେସ ନେତା ଓ କର୍ମୀମାନେ କୃତଜ୍ଞତା ଜଣାଇଛନ୍ତି ।

# କାନଖା ରେ ଦୁଇ ବଖରା ଜଳିଗଲା

ମୟୂରଭଞ୍ଜ ୧୭/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାଳଗାଁ ଗ୍ରାମ ପଞ୍ଚାୟତ କାନଖା ଗାଁ ଲମ୍ବୋଦର ରଣା ଦୁଇ ବଖରା ଘର ଜଳି ଯାଇଛି ।ତାଙ୍କ ପୁଅ ଅଶୋକ ମହାରଣା(୧୦୮ ଆମ୍ବୁଲାନ୍ସର ଚାଳକ)ଖବର ପାଇ ଘରକୁ ଆସି ଦେଖିଲାବେଳକୁ ଛଣ ଛପର ଗୁହାଳ ଘର ଓ ରୋଷେଇ ଘର ଜଳୁଥିବା ଦେଖି ଜାମଦା ଦମକଳକୁ ଖବର ଦେଇଥିଲେ ।ଦମକଳ ଆସି ନିଆଁ ଲିଭାଇଥିଲେ ।ତେବେ ସରକାରୀ ସହାୟତା ଯୋଗାଇଦେବାକୁ ଲମ୍ବୋଦର ରଣାଙ୍କ ପୁତ୍ର ଦାବି କରିଛନ୍ତି ।ସୂଚନାଯୋଗ୍ୟ ଯେ ପରିବାରର କୌଣସି ସଦସ୍ୟ ନିଆଁ କିପରି ଲାଗିଛି ତାହା କହିପାରୁ ନାହାଁନ୍ତି ।

# ବନବିଭାଗ ତରଫରୁ ବାନାଗ୍ନି ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ ୧୭/୨(ନି.ପ୍ର): ଆଠମଲ୍ଲିକ ବନ ବିଭାଗ ତରଫରୁ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କ୍ଷ।ଏହି ସଚେତନ ତା କାର୍ଯ୍ୟକ୍ରମ ଉପଲକ୍ଷେ ଏକ ଗଣ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବନ ଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଗଣ ଦୌଡ଼ ର ଶୁଭାରମ୍ଭ କରିଥିଲେ । ଆଠମଲ୍ଲିକ ମିନି ଷ୍ଟାଡିଅମ ରୁ ବାହାରି ରଥ ସାହି, ଲକ୍ଷ୍ମୀ ନାରାୟଣ ବଜାର, ମେଡିକାଲ ଛକ, ଜେଲ ଛକ, ଗାନ୍ଧୀ ପାର୍କ ଦେଇ ହରିଡ଼ା ନାଳି ଛକ ଠାରେ ପହଁଚି ଥିଲେ। ସେଠାରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନ ବିଭାଗ ତରଫରୁ ଗଣ ଦୌଡ଼ ରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଡ଼ି ଏଫ ଓ ଶ୍ରୀ କୋପୁଲା ଙ୍କ ସମେତ ଏ ସି ଏଫ ସଚ୍ଚିଦାନନ୍ଦ ସେଠୀ, ଦିବ୍ୟ ଶଙ୍କର ମାଝୀ, ରେଞ୍ଜର ସୁନୀଲ କୁମାର ସାହୁ, ଫରେଷ୍ଟର ଦୀପକ ମିଶ୍ର, ସୁବ୍ରତ ଶତପଥି, ଆଲୋକ ନାଥ ମିଶ୍ର, ପୁଷ୍ପ ମିତ୍ରା ସିଂ, ଫରେଷ୍ଟ ଗାର୍ଡ ଦୀପକ ବେହେରା, ଙ୍କ ସମେତ ବନ ବିଭାଗ ର ରେଞ୍ଜର, ଫରେଷ୍ଟ ର, ଫରେଷ୍ଟ ଗାର୍ଡ, ୱାଚର ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

# ରଞ୍ଜନ ପ୍ରଧାନଙ୍କୁ 'ଜଗବନ୍ଧୁ ସିଂହ ସ୍ମାରକୀ ଯୁବ ଗବେଷକ' ସମ୍ମାନ



ଫୁଲବାଣୀ ୧୭/୨(ନି.ପ୍ର): ପ୍ରଖ୍ୟାତ ଜନଜାତି ଗବେଷକ ତଥା କଥାକାର ଡ. ରଞ୍ଜନ ପ୍ରଧାନଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ଜଗବନ୍ଧୁ ସିଂହ ସ୍ମାରକୀ ଯୁବ ଗବେଷକ' ସମ୍ମାନ ପ୍ରଦାନ କରାଯାଇଛି । ଜଗବନ୍ଧୁ ସିଂହ ମେମୋରିଆଲ୍ ଟ୍ରଷ୍ଟ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥ ରେଡ୍ କ୍ରସ୍ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜଗବନ୍ଧୁ ସିଂହଙ୍କ ୧୪୯ତମ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ଡକ୍ଟର ପ୍ରଧାନଙ୍କୁ ମାନପତ୍ର, ଉପଢ଼ୌକନ, ପ୍ରଶସ୍ତି ଫଳକ ଏବଂ ପାଞ୍ଚ ସହସ୍ର ଅର୍ଥରାଶି ସହିତ ସମ୍ମାନିତ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥିବା ତଥା ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରମୁଖ ସହଯୋଗୀ ଜଗବନ୍ଧୁ ସିଂହଙ୍କ ନାମରେ ନାମିତ ଏହି ସମ୍ମାନ ତାଙ୍କୁ ମିଳିଥିବାରୁ ନିଜକୁ ଗର୍ବ ଅନୁଭବ କରୁଛନ୍ତି ବୋଲି ଡ. ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ପ୍ରଗତିଶୀଳ କବି ଅମରେଶ ପଟ୍ଟନାୟକ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଐତିହାସିକ ଖାରବେଳ ମହାନ୍ତି, 'ଜଗବନ୍ଧୁ ସିଂହ ମେମୋରିଆଲ୍ ଟ୍ରଷ୍ଟ'ର ଅଧ୍ୟକ୍ଷା ସୁଜାତା ସିଂହ, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ଗବେଷକ ଡ. ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡକ୍ଟର ପ୍ରଧାନ ଓଡ଼ିଶାର ଜନଜାତି, ନଦୀ ଓ ପାହାଡ଼ମାନଙ୍କ ସମ୍ପର୍କରେ ନିଜର ଗବେଷଣା ଜାରି ରଖିଛନ୍ତି। ତାଙ୍କର ସାମଗ୍ରିକ ଗବେଷଣା କୃତି ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡକ୍ଟର ପ୍ରଧାନଙ୍କର ପ୍ରମୁଖ ଗବେଷଣା ଗ୍ରନ୍ଥମାନଙ୍କ ମଧ୍ୟରେ 'ଓଡ଼ିଶାର ନଦନଦୀ', 'ଗୋନାସିକା ନନ୍ଦିନୀ: ବୈତରଣୀ', 'ଜୁଆଙ୍ଗ ପର୍ବପର୍ବାଣି', 'ପରଜା ଜୀବନ ଓ ସଂସ୍କୃତି', 'ଆଦିବାସୀ ନାଚ ଓ ଗୀତ', 'ବଣ ଡଙ୍ଗରର ଗପ' ପ୍ରକାଶ ପାଇ ବେଶ୍ ପାଠକୀୟତା ଲାଭ କରିପାରିଛି।

# ସାମାଜିକ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି ୧୭/୨(ନି.ପ୍ର): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପ□ାୟତ ସମିତି ଅନ୍ତର୍ଭୁକ୍ତ ଜନାର୍ଦ୍ଦନପୁର ପ□ାୟତର ବଳରାମପୁର ଉଚ୍ଚ ବିଦ୍ୟାଳୟ ପରିସରରେ କଟକ ସଦର ଅ□ଳର ଅଗ୍ରଣୀ ସାମାଜିକ ସଂଗଠନ ୟୁନିୟନ ଫର କଟକ ସଦର ଡ଼େଭଲପମେ□ ପକ୍ଷରୁ ସଂଗଠନର ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଓ ସମାଜସେବୀ ବିଜୟ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତ□ାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ରେଡ଼କ୍ରସ ସଂସ୍ଥା ପକ୍ଷରୁ ୫୦ଟି ରକ୍ତ ସଂଗ୍ରହ ହୋଇଥିବାବେଳେ ପ୍ରାୟ ଦେଢଶହରୁ ଉର୍ଦ୍ଧ୍ୱ ଲୋକମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଇଛି । କାର୍ଯ୍ୟକ୍ରମ ପରିଚାଳନା ରେ ସଂଗଠନର ସଂଯୋଜକ ପର୍ଶୁରାମ ଭୂୟାଁ, ସୁଧାଂଶୁ ଶେଖର ରାଉତରାୟ, ଲିଙ୍ଗରାଜ ରାଉତ, ପୂର୍ବତନ ସରପ□ ସୁନାକର ବେହେରା, ଅଭିମନ୍ୟୁ ସାହୁ, ଦେବାଶିଷ ପରିଡ଼ା, ମାମାଲି ମହାପାତ୍ର, ଅନୁପମା ମହାପାତ୍ର, ସୁଚିତ୍ରା ମହାପାତ୍ରଙ୍କ ସମେତ ସାମ୍ବାଦିକ ରତ୍ନାକର ବାରିକ , ଅମିତାଭ ମହାପାତ୍ର, ଇଜାଜ୍ ଖାନ୍, ଜାନକୀବଲ୍ଲଭ ମହାନ୍ତିଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଗଠନର ସଭାପତିଙ୍କ ଏଭଳି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯିବା ସହ ଦ୍ୱିପା□ଳ ସେବା ସଦନ ବଳରାମପୁର,ଜନାର୍ଦ୍ଦନପୁର କଟକ ପକ୍ଷରୁ ପ୍ରଫେସର ମନୋଜ କୁମାର ନାୟକଙ୍କୁ ସମ୍ମାନପତ୍ର, ଉ□ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଓଡିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ହୋଇଛି ଘରୋଇ ଶିକ୍ଷାନୁଷ୍ଠାନ

ନିଶ୍ଚିନ୍ତକୋଇଲି ୧୭/୨(ନି.ପ୍ର): ସରକାର ଗ୍ରାମାଂଚଳର ଗରିବ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ପ୍ରଦାନ ନିମନ୍ତେ ବିଭିନ୍ନ ଯୋଜନାମାନ କରିଛନ୍ତି । ଏହି ଯୋଜନାରୁ ଅନ୍ୟତମ ଯୋଜନା ହେଲା ଓଡିଶା ଆଦର୍ଶ ବିଦ୍ୟାଳୟ । କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାହାଙ୍ଗା ମଣ୍ଡଳ ଅନ୍ତର୍ଗତ କଉଡକୋଳଠାରେ ଏକ ଓଡିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯାଉଛି । ଏବେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହା ଏକ ସରକାରୀ ବିଦ୍ୟାଳୟ ହୋଇଥିଲେ ମଧ୍ୟ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଦଶମ ଶ୍ରେଣୀ ପରୀକ୍ଷା କଟକ ଜିଲ୍ଲା ଅନ୍ତର୍ଗତ ନାନ୍ଦୋଳଠାରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ (ଫ୍ରିଡମ୍ ଇଣ୍ଟରନେସନାଲ) ସ୍କୁଲରେ ବାର୍ଷିକ ପରୀକ୍ଷା ଦେଉଛନ୍ତି । ଯାହାକୁ ନେଇ ଛାତ୍ରାଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ସରକାରୀ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସରକାରୀ ଶିକ୍ଷାନୁଷ୍ଠାନରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ପରୀକ୍ଷା କରାନଯାଇ କ'ଣ ପାଇଁ ଘରୋଇ ଶିକ୍ଷାନୁଷ୍ଠାନରେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ବର୍ଷ ଉକ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଆସିଥିବା କିଛି ନିର୍ଦ୍ଦିଷ୍ଟ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କୁ ପରୀକ୍ଷାକେନ୍ଦ୍ର ତରଫରୁ ଅନୀୟମିତତା ସହକାରେ ସହଯୋଗ କରାଯାଇଥିବା ଅଭିଯୋଗ ମଧ୍ୟ ହୋଇଥିଲା । ସରକାରଙ୍କ ଏଭଳି ଶିକ୍ଷାନୀତିକୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରୁନାହାଁନ୍ତି । ସରକାରୀ ବିଦ୍ୟାଳୟ ଗୁଡିକରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଧୀରେ ଧୀରେ କମିଆସୁଥିଲା ବେଳେ ସରକାରଙ୍କ ଏହି ଘରୋଇ ଶିକ୍ଷାନୁଷ୍ଠାନ ପ୍ରୀତି ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ବଢିବାକୁ ଲାଗୁଛି ।

# ଲେଭେଲ ୫(ଏ) ଶିକ୍ଷକ ସଂଘଠନ ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବୀପତ୍ର




ନବରଙ୍ଗପୁର ୧୭/୨(ନି.ପ୍ର): ରାଜ୍ୟ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘଠନ (ଆଇପିଟିଓ)ର ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଲେଭେଲ ୫(ଏ) ପ୍ରାଥମିକ ସଂଘଠନ ତରଫରୁ ୨ ଦଫା ସମ୍ବଳିତ ଦାବୀପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତେନ୍ତୁଳିଖୁଣ୍ଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଘଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ଅଧିକାରୀ ଆଇନ୍ ଅନୁଯାୟୀ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ ପେ ୪୨୦୦କୁ ବୃଦ୍ଧି କରିବା ଏବଂ ନେସନାଲ ଇନକ୍ରିମେଣ୍ଟ ସହ ୬ ଓ ୮ ବର୍ଗର ଠିକା ଅବଧିକୁ ମୂଳ ଚାକିରୀରେ ମିଶାଇବାକୁ ଏଥିରେ ଦାବି କରାଯାଇଛି। ଏହି ଦାବି ଆସନ୍ତା ୧୭ ତାରିଖ ସୁଦ୍ଧା ପୂରଣ ନ ହେଲେ ୧୮ ତାରିଖ ଠାରୁ ସାମୂହିକ ଭାବରେ ରାଜଧାନୀ ଭୁବନେଶ୍ୱର ଠାରେ ଆଇପିଟିଓର ଆହ୍ୱାନ କ୍ରମେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ତେନ୍ତୁଳିଖୁଣ୍ଟି ବ୍ଲକରବ୍ରଜ ସଗରିଆ,ସିମାଞ୍ଚଳ ପୁଜାରୀ,ମଧୁସ୍ମିତା ଦାଶ,ସଞ୍ଜିତ ମହାନ୍ତି,ଗୋବର୍ଦ୍ଧନ ପ୍ରଧାନ,ମନୋରଞ୍ଜନ ନାଥ,ମିନତୀ କୁମାରୀ ରାଉତ,ରଞ୍ଜନ ନାୟକ,ଦୀପକ ପ୍ରଧାନ,ଶିଶିର ଦେହୁରୀ,ଅରୁଣ ରାଉତ ପ୍ରମୂଖ ଉପସ୍ଥିତ ରହିଥିଲେ। ଦାବିପତ୍ର ପ୍ରଦାନ ପରେ ଶିକ୍ଷାଧିକାରୀ ଶ୍ରୀ ବାଘ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧେ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲେ। ଏଥିରେ ବ୍ଲକ୍ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଦେବେନ୍ଦ୍ର ପ୍ରସାଦ ନାୟକ ମଧ୍ୟ ଉପସ୍ଥିତ ଥିଲେ।

# ଡିଏସ୍‌ପିଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟଣା ରେ ପିପିଲିଆ ଅଞ୍ଚଳରେ ଶୋକ

ପାଟଣା ୧୭/୨(ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଚାନ୍ଦପୁର ଛକ ନିକଟରେ ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଏକ କାରକୁ ଏକ ଟ୍ରକ ସମ୍ମୁଖରୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପୁଲିସ୍ ଅଧିକାରୀ ବଳରାମ ନାୟକ (୪୯)। ସେ ଯାଜପୁର ଜିଲ୍ଲାରେ ଡିଏସପି ଭାବେ କାର୍ଯ୍ୟରତ ଥିଲେ। ଅନ୍ୟ ମୃତକଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ନାୟକ ଓ ସେ କୃଷକ ସାଥୀ ଥିଲେ। ତା'ଛଡ଼ା ସେ ବଳାରାମଙ୍କର ନିଜ ଭିଣୋଇ ବୋଲି ଜଣାପଡିଛି ।ମୃତ ଡିଏସପି ବଳରାମ ନାୟକଙ୍କ ଘର କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଞ୍ଚଳ ପିପିଳିଆ ନିକଟସ୍ଥ ଗୋପପୁର ଗ୍ରାମରେ ।ସେ ଘଟଗାଁରୁ କାରରେ ଭିଣୋଇ ଙ୍କୁ ସାଙ୍ଗରେ ଧରି ଯାଜପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ରଙ୍ଗ୍ ରୁଟ ରେ ଆସୁଥିବା ଏକ ଦୃତଗାମୀ ଟ୍ରକ୍ ସେମାନଙ୍କ କାର କୁ ସମ୍ମୁଖରୁ ଧକ୍କା ଦେଇଥିଲା। କାରର ସମ୍ମୁଖଭାଗ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଉଭୟ ବଳରାମ ଓ ତାଙ୍କ ଭିଣୋଇ ପୂର୍ଣ୍ଣଚନ୍ଦ୍ର ଙ୍କ ର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ରଖି ଚାଳକ ଫେରାର ହୋଇଯାଇଥିଲେ। ପୁଲିସ୍ ଟ୍ରକ ଟିକୁ ଜବତ କରିଥିବା ବେଳେ ଚାଳକଙ୍କୁ ଖୋଜୁଛି। ଏହି ଦୁର୍ଘଟଣା ଯୋଗୁ ବେଶ୍ କିଛି ସମୟ ଧରି ଚାନ୍ଦପୁର ଛକରେ ରାସ୍ତା ଜାମ୍ ହୋଇଥିଲା। ପରେ ରାସ୍ତାରେ ଯା'ଆସ ସ୍ୱାଭାବିକ ହୋଇଥିଲା। ଖବର ପାଇବା ପରେ ବଳରାମ ଙ୍କ ପୈତୃକ ଗ୍ରାମ ଗୋପପୁର ଗ୍ରାମରୁ ସେମାନଙ୍କ ପରିବାର ବର୍ଗ ଘଟଣା ସ୍ଥଳକୁ ଯାଇଛନ୍ତି। ବଳରାମ ଓ ତାଙ୍କ ଭିଣୋଇ ଙ୍କ ମୃତ୍ୟୁ ରେ ପିପିଲିଆ ଅଞ୍ଚଳ ରେ ଶୋକ ପ୍ରକାଶ ପାଇଛି।

# ହନୁମାନ ଜିଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

## ଶତାଧିକ ମହିଳାଙ୍କ ଗହଣରେ କଳସ ଯାତ୍ରା ଆୟୋଜିତ



ବାଲିଗୁଡା **୧୭/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଶ୍ରୀ ହନୁମାନ ଜିଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମିତିର ସମ୍ପାଦକ ଶିବରାମ ପ୍ରଧାନୀ ଙ୍କ ନେତୃତ୍ୱରେ ଶନିବାର ଠାରୁ ଆରମ୍ଭ ହୋଇଛି କ୍ଷ ଏହି ଅବସରରେ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରି ସ୍ଥାନୀୟ ମା'ପାଟଖଣ୍ଡା ମନ୍ଦିର ଠାରୁ ଏକ ବିରାଟ ପଟୁଆରରେ ବାହାରି ସମଗ୍ର ସହର ପରିକ୍ରମା କରି ଶତାଧିକ ମହିଳା କଳସ ଧରି ନିକଟସ୍ଥ ଖଡ଼ଗ ନଦୀ ରୁ ଜଳ ଆଣି ବିଗ୍ରହ ସ୍ଥଳରେ ପହଞ୍ଚି ଥିଲେ । ପରେ ପରେ ବନଯାଗ, ମଣ୍ଡଳ କରଣ ଏବଂ ଅଙ୍କୁରା ରୋପଣ ପୂଜା ସହ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ହୋଇଥିଲା । ଏଥିରେ ପୁରୋହିତ ଭାବେ ପିତାମ୍ବର ରଥ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ରାମକୃଷ୍ଣ ଆଚାର୍ଯ୍ୟ, ନୀଳାଚଳ ମିଶ୍ର ଓ ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ କ୍ଷ କର୍ତ୍ତା ଭାବେ ଲୋକନାଥ ପାଢ଼ୀ, ମଦନ ମୋହନ ପାଢ଼ୀ ଓ ପ୍ରମୋଦ କୁମାର ସାହୁ (ମୁନା) ନିଜ ନିଜର କାର୍ଯ୍ୟ ସମ୍ପାଦନା କରିଥିଲେ କ୍ଷ ୧୭ ତାରିଖ ସୋମବାର ସକାଳୁ କର୍ମ ଆରମ୍ଭ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଏବଂ ଦେବତା ଅଧିବାସ, ୧୮ ତାରିଖ ମଙ୍ଗଳବାର ସକାଳ ୯ ଘଣ୍ଟାରୁ ନାମଯଜ୍ଞ ଆରମ୍ଭ ଓ ସନ୍ଧ୍ୟା ୫.୦୦ ଘଟିକା ଠାରୁ ଦେବତା ମହାସ୍ନାନ, ମଧ୍ୟ ରାତ୍ରୀରେ ଦେବତା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନ ହେବ। ତତ ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ୧୯ ତାରିଖ ବୁଧବାର ଦିନ ସକାଳ ୯ ଘଣ୍ଟ ରୁ କର୍ମାରମ୍ଭ, ଦେବତା ନଗର ଭ୍ରମଣ, ଶୁଭଲଗ୍ନରେ ଦେବତା ସିଂହାସନ ଆରୋହଣ, ଘୃତଯଜ୍ଞ ପୂର୍ଣ୍ଣାହୁତି ଏବଂ ନାମଯଜ୍ଞ ପୂର୍ଣାହୁତି, ନଗର କିର୍ତ୍ତନ ସହ ଦ୍ୱିତୀୟ ଦିନ ପାଇଁ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଣୁ ଅଞ୍ଚଳବାସୀ ଉକ୍ତ ଧର୍ମୀୟ କାର୍ଯ୍ୟକ୍ରମରେ ତନ, ମନ, ଧନ ପ୍ରଦାନ ପୂର୍ବକ ଭକ୍ତି କୃପା ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

## ତିନି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ପାତ୍ରପୁର **୧୭/୨(ନି.ପ୍ର):** ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ରେ ତିନି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା। ଶ୍ରୀ ସାମନ୍ତରା ପ୍ରଥମେ ପାହାଡ଼ ଶିଖର ଗାଁ ଆଙ୍କୁଲି ରେ ପହଂଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ପ୍ରଥମେ ବିଧାୟକ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅନ୍ତର୍ଭୁକ୍ତ ଆଙ୍କୁଲି ଠାରୁ ଧୁବାଲିଙ୍ଗି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ସେହିପରି ତାଡ଼କାସାହି ଠାରୁ ମାଡୁଆଗୁମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଏବଂ ତାଡ଼କାସାହି ଠାରୁ କରଡ଼ାବାଡ଼ି ଯାଏଁ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ ସଂଯୁକ୍ତା,ନାରୀନେତ୍ରୀ ମୀନା ଦ୍ୟାନ ସାମନ୍ତରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ କୁମାର ଜେନା,କନିଷ୍ଠ ଯନ୍ତ୍ରୀ ପୀତବାସ ନାୟକ, ଜ୍ୟୋତି ରଞ୍ଜନ ସାମଲ, ଠିକାଦାର ବୃନ୍ଦାବନ ସାହୁ,ଶ୍ରୀକାନ୍ତ ସାହୁ,ସତ୍ୟବାନ ସାହୁ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ ଏବଂ ଆଗାମୀ ଦିନରେ ପ୍ରତ୍ୟେକ ଗାଁକୁ ରାସ୍ତା ସଂଯୋଗୀକରଣ କରାଯିବ ବୋଲି କହିଥିଲେ। ତାଙ୍କ ଗସ୍ତ ବେଳେ ଆଙ୍କୁଲି ସରପଞ୍ଚ ନମିତା ନାଇକ, ସନ୍ତୋଷ ପାତ୍ର ,ବାଲାଜି ପାଢ଼ୀ, ବାଳକୃଷ୍ଣ ରେଡ୍ଡୀ,ଅଜିତ ପ୍ରଧାନ,ଲଳିତା ପ୍ରଧାନ, ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ଜଟଣୀରେ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ

ଜଟଣୀ **୧୭/୨(ନି.ପ୍ର):** ଆଞ୍ଚଳିକ କେନ୍ଦ୍ର ସଂଯୋଜିକା ଶ୍ରୀମତୀ ରଶ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ କୁଶମାଟି ଓ ରାଜା ବଜ଼ାର କ୍ଲଷ୍ଟର ର ନବମ ମାସିକ ବୈଠକ ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ କୁଶମାଟିଛଣଘର ଓ ରାଜାବଜାର କ୍ଲଷ୍ଟର ର ସମସ୍ତ ପ୍ରଧାନ ଶିକ୍ଷକ ଓ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷକ ,ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।ସି.ଆର. ସି.ସି ରଶ୍ମିତା ନାୟକ ସମସ୍ତ ଶିକ୍ଷକ ,ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଜଟଣୀ ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଦାସ ,ସୃତିନ୍ଦୀ ଜେନା,ସୁଜାତା ରାଣୀ ପଣ୍ଡା,ସଂଜୁରାଣୀ ବେହେରା ,ବିଦ୍ୟୁଲତା ଦେଇ,ସୁମିତା ରାଣୀ ପଣ୍ଡା ,ଜ୍ୟୋସ୍ନା ମଞ୍ଜରୀ ସାହୁ ଓ ଟୁଲୁ ଦେଇ ।ଏହା ପରେ ସି.ଆର. ସି.ସି ମହୋଦୟା ବୈଠକର ଆଭିମୁଖ୍ୟ ତଥା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ସମସ୍ତ ବିଷୟ ବସ୍ତୁ,ନମୁନା ପାଠ ଯୋଜନା ଓ ମାନ ନିର୍ଦ୍ଧାରଣ ଟ୍ରାକର ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ।ଆଦର୍ଶ ଶିକ୍ଷା ଦାନର ନମୁନାକୁ ଉପସ୍ଥାପନା କରିଥିଲେ ଶିକ୍ଷୟିତ୍ରୀ ଦୀପ୍ତିଲତା ଜେନା ,ସସ୍ମିତା ସ୍ୱାଇଁ ଓ ଇତିଶ୍ରୀ ବେହେରା । ।କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ ମୋହନ ସିଂ,ଏମ.ଡି .ଜାଭେଦ,ଅନନ୍ୟା ସ୍ୱାଇଁ ଓ ସହଯୋଗ କରିଥିଲେ ନନ୍ଦିତା ଦାସ,ସଂଯୁକ୍ତା ସାହୁ,ସୌଦାମିନୀ ବେହେରା,ପୁଷ୍ପଲତା ନାୟକ,ଦେବାଙ୍ଗିନୀ ଟୁଡୁ,ଏସ.ସୁଗୁନା କୁମାରୀ ,ସରୋଜିନୀ ମଲ୍ଲିକ,ସୁରମା ମାଝି, ଜୟନ୍ତୀ ସାହୁ,ଅନୁସୟା ପୃଷ୍ଟି,ନୀଳାଦ୍ରି ବିହାରୀ ସ୍ୱାଇଁ ,ଅନସ୍ୱୟା ଦାସ ଇତ୍ୟାଦି ।ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସେଠି ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଗାଁ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ

ଚିକିଟୀ **୧୭/୨(ନି.ପ୍ର):** ଚିକିଟୀ ବ୍ଲକ ବଡଗାଁ ବିଦ୍ୟାଳୟ ରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପରିଚାଳନା କମିଟି ସଭାପତି ଗୌରାଙ୍ଗ ବେହେରା ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଉତ୍ସବରେ ବିଇଓ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ ,ବିଆରସିସି ନିଗମାନନ୍ଦ ପଣ୍ଡା, ଏବିଇଓ ସିମାଞ୍ଚଳ ପଣ୍ଡା, ସିଆରସିସି ଭେଙ୍କଟ ରାଓ, ମିନତୀ କୁମାରୀ ପାଠୀ ପ୍ରମୁଖ ମଞ୍ଚାସିନ ରହିଥିଲେ। ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଓଁପ୍ରିୟା ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହାୟକ ଶିକ୍ଷକ ଶ୍ରୀ ଗୌତମ ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶ୍ରୀ ଶଙ୍କର ମହାନ୍ତି ଧନ୍ୟବାଦ ଜ୍ଞ୍ୟାପନ କରିଥିଲେ। ନାଟକ 'ଆମ ସଂସ୍କୃତି,ପରିବେଷଣ କରାଯାଇଥିବା ବେଳେ ସମସ୍ତଙ୍କୁ ବେଶ ଆକର୍ଷଣୀୟ କରିଥିଲା। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ବାଲିଗୁଡା : ଗୋଟିଏ ରାତ୍ର ରେ ତିନୋଟି ସ୍ଥାନରୁ ସିରିଜ ଚୋରୀ

ବାଲିଗୁଡା **୧୭/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଟାଉନରେ ଗୋଟିଏ ରାତ୍ରରେ ତିନୋଟି ସ୍ଥାନରୁ ସିରିଜ ଚୋରୀ ହୋଇଥିବା ଜଣାପଡିଛି କ୍ଷ ଘଟଣାରୁ ପ୍ରକାଶ ଯେ, ଶନିବାର ମଧ୍ୟ ରାତ୍ର ପରେ ପରେ ବାଲିଗୁଡା ଟାଉନ ର ତହସିଲଦାରଙ୍କ କ୍ୱାଟର ସମ୍ମୁଖରେ ଥିବା ଗିରିଜା ମେଡ଼ିସିନ ଷ୍ଟୋର ର କୌଣସି ଦୁର୍ବୃତ୍ତ ତାଲା ଭାଙ୍ଗି ଦୋକାନରେ ପଶି ନଗଦ ୭/୮ ହଜାର ଟଙ୍କା ଓ କିଛି ଖୁଚୁରା ପଇସା ଚୋରୀ କରି ନେଇଥିବା ବେଳେ ନୁଆସାହି କଳ୍ପନା ଛକ ନିକଟରେ ଥିବା ବିଶ୍ୱମ୍ବର ପାତ୍ର ଙ୍କ ହୋଟେଲ ରୁ କିଛି ପଇସା ପତ୍ର ଓ ଜିନିଷ ପତ୍ର ଏବଂ ଅମିତ ଇଲେକ୍ଟ୍ରିକାଲ ଦୋକାନର କାଠ ପଟା ଭାଙ୍ଗି କିଛି ଇଲେକ୍ଟ୍ରି ଜିନିଷ ଚୋରୀ କରି ନେଇଥିବା ଜଣାପଡିଛି କ୍ଷ ଖବର ପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ତଦନ୍ତ ଜାରୀ ରଖିଛି। ଖୋଦ ବାଲିଗୁଡା ଟାଉନ ରେ ଦିନ ହେଉ କିମ୍ବା ରାତି ହେଉ ପାଟ୍ରୋଲିଂ ବ୍ୟବସ୍ଥା କୁ କଡାକଡି କରୁନଥିବାରୁ ଚୋରୀ, ରାହାଜାନି ସହ ଛୋଟ ବଡ଼ ଦୁର୍ଘଟଣା ମାନ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ନିମ୍ନମାନର କଂକ୍ରିଟ ରାସ୍ତା : ସିମେଣ୍ଟ କମ୍ କୁ ବାଲି ଅଧିକ

## ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ , ତଦନ୍ତ ଦାବୀ

ଛତ୍ରପୁର **୧୭/୨(ନି.ପ୍ର):** ନିମ୍ନମାନର କଂକ୍ରିଟ ରାସ୍ତା ରେ ସିମେଣ୍ଟ କମ୍ କୁ ବାଲି ଅଧିକ ନେଇ ଅଭିଯୋଗ ହୋଇଛି, ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ କରାଯାଉଛି, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କଲେ ଗ୍ରାମବାସୀ । ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାମ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆନୁକୂଲ୍ୟ ରେ ବଡ଼ଆର୍ଯ୍ୟପଲ୍ଲୀ ଏନ ଏଚ ୫୧୬ଠାରୁ ସାନ ଆର୍ଯ୍ୟପଲ୍ଲୀ ରାସ୍ତାର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ୩କୋଟି ୫୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଉଛି । ତେବେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଛି । ସିମେଣ୍ଟ ଅଧିକ ଭାଗ ବଦଳରେ ବାଲି ଅଧିକ ଦେଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଯାହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହି କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ । ଅନ୍ୟ ପକ୍ଷେ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ରହୁ ନଥିବାରୁ ଠିକାଦର ନିଜ ମନମୁତାବକ କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି କାର୍ଯ୍ୟ ଚାଲୁ ରହିଥିବାବେଳେ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁଜମାରୁ ଗୁରୁତ୍ୱ ଦେଉନାହିଁ। ଯାହାଫଳରେ ଗ୍ରାମବାସୀ ବିଭାଗୀୟ



ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସ୍ଥାନୀୟ ଆର୍ଯ୍ୟପଲ୍ଲୀ ପଂଚାୟତର ସରପଞ୍ଚ ତ୍ରିଲୋଚନ ବେହେରା, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ଜେନରାଲ ସେକ୍ରେଟାରୀ ଏମ. ଦିଲ୍ଲୀପ ଏବଂ ବହୁ ଗ୍ରାମବାସୀ ଏହାକୁ ଦୃଢ ବିରୋଧ କରି କାର୍ଯ୍ୟକୁ ବନ୍ଦ କରିବାକୁ କହିଛନ୍ତି । ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ନରହିଲେ ଏହି କାମକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ୱାଲ ଗୁଡିକ ନିମ୍ନ କରାଯିବା ସହିତ ବହୁ ସ୍ଥାନରେ ୱାଲ ଗୁଡିକ ଏବେ ଠାରୁ ଭାଙ୍ଗି ନଷ୍ଟ ହୋଇ ଗଲାଣି, ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି । ହେଲେ ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ କରାଯାଉଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପକୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ । କାମ ଆରମ୍ଭ ହେବା ପାଖାପାଖି ଦେଢ଼ବର୍ଷ ହୋଇଥିଲେ ବି ବିଭାଗୀୟ ଅଧିକାରୀ ଦେଢ଼ ଦିନ ଆସି ନଥିବା ଗ୍ରାମବାସୀ ମାନେ କହିଛନ୍ତି, ତେବେ ରାସ୍ତା କୁ ଆହୁରି ଓସାର କରିବା ନିମନ୍ତେ ମଧ୍ୟ ବହୁ ଲୋକ କହିଛନ୍ତି, ନିମ୍ନମାନର କାର୍ଯ୍ୟ ଦିଗରେ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

## କଳକୀ ସେନାବାହିନୀର ସନାତନୀ ଆଳତି ଓ ଗହଣଦଳ ପକ୍ଷରୁ ବ୍ରହ୍ମ ଏକାକ୍ଷର ମେଳା



ବୁଗୁଡ଼ା **୧୭/୨(ନି.ପ୍ର):** ମହାନ ସନାତନ ଧର୍ମ ର ପଚାର ପ୍ରସାର ସାଙ୍ଗକୁ ଜୀବ ମୁକ୍ତି ଓ ମାନବ ଜୀବନ ଦର୍ଶନର ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାଚୀନ ଆଠଗଡ଼ ରାଜ୍ୟର ଜିଲୁଣ୍ଡା ସ୍ଥିତ ମହାଲିଙ୍ଗେଶ୍ୱର ମନ୍ଦିର ପରିସରରେ ଗଞ୍ଜା-ବ୍ରହ୍ମପୁର ମଣ୍ଡଳର କଳକୀ ସେନାବାହିନୀ ପକ୍ଷରୁ ସର୍ଦ୍ଦାର ଲିଙ୍ଗରାଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମ ଏକାକ୍ଷର ମେଳା ଓ ସନାତନୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ମହାଲିଙ୍ଗେଶ୍ୱର ଶୈବପିଠରେ ଏକାକ୍ଷର ଯନ୍ତ୍ର ସ୍ଥାପନ ପୂର୍ବକ ମେଳା ବହି ପଠନ କରାଯାଇ ଶ୍ରୀ ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା ।ପ୍ରାରମ୍ଭରେ ବୁଗୁଡ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବଚନ ପ୍ରଦାନ ଦାତା ଭାବେ ପଣ୍ଡିତ ଅନନ୍ତ କର, ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର, କବି ସୌଦାମିନୀ ମିଶ୍ର, କବି ନନ୍ଦ କିଶୋର ପ୍ରଧାନ, ଗୁରୁ ବନବାସୀ ମହାରଣା, ବିରଞ୍ଚି ନାରାୟଣ ବେହେରା, ପର୍ଶୁରାମ ପ୍ରଧାନ, ଖଲି ଗୌଡ, ଗଦେଇ ଜେନା, ସୁବାସ ଚନ୍ଦ୍ର ଚୌଧୁରୀ, ଗୁରୁମା ଝୁନୁ ଦାସ, ରୁନୁ ବିଷୋୟୀ, ସୁକାନ୍ତି ମହାନ୍ତି ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ। କର୍ମକର୍ତ୍ତା ସୁରେନ୍ଦ୍ର ନାଥ ସାହୁ, ହରିହର ସ୍ୱାଇଁ, ଧୋବା ଅଚାରୀ, ବିରଞ୍ଚି ବେହରା, ରାଜେନ୍ଦ୍ର ବିଷୋୟୀ, ଭୀମସେନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶହ ଶହ ଶ୍ରଦ୍ଧାଳୁଙ୍କ ଗହଣରେ ଏହିଭଳି ଏକ ସଂଗଠନ ମାଳିକା ବର୍ଣ୍ଣିତ ଅଷ୍ଟସମ୍ଭୁ ପିଠର ମାହାତ୍ମ୍ୟ ବର୍ଣ୍ଣନାକୁ ପ୍ରଶଂସା କରାଯାଇ ଥିଲା।

## କ୍ଷୁଦ୍ର ବଣିକ ସଂଘ ସଦସ୍ୟ ତଥା ବ୍ୟବସାୟୀ ଙ୍କ ପରଲୋକ

ବାଲିଗୁଡା , **୧୭/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ବସଷ୍ଟାଣ୍ଡ ସ୍ଥିତ କାହ୍ନା ସ୍ନାକ୍ସ ଏଣ୍ଡ ସୁଇଟସ ର ମାଲିକ ତଥା କ୍ଷୁଦ୍ର ବଣିକ ସଂଘର ସଦସ୍ୟ ପ୍ରଭାକର ବେହେରା (୪୬) ଙ୍କ ରବିବାର ସକାଳେ ନିଜ ବାସ ଭବନ ଇଲେକ୍ଟ୍ରି ସାହି ଠାରେ ପରଲୋକ ହୋଇଛି । ଏହି ଖବର ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ସମଗ୍ର ବସଷ୍ଟାଣ୍ଡ ପରିବେଶ ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।ଏହାକୁ ସମ୍ମାନ ଜଣାଇ କ୍ଷୁଦ୍ର ବଣିକ ସଂଘ ତରଫରୁ ସମସ୍ତ ଦୋକାନ ବଜାର ବନ୍ଦ ରଖିଥିଲେ କ୍ଷ ଏକାଧାରରେ ସେ ଜଣେ ପରୋପକାରୀ, ମିଷ୍ଟ ଭାଷୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଝିଅ, ଭାଇ, ବୋହୂ ଓ ପରିବାର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ସହରର ବହୁ ବ୍ୟକ୍ତି, ସାଙ୍ଗ, ସାଥି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରା ରେ ସମଗ୍ର ସହର ପରିକ୍ରମା କରି ସ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ମୟୂରଭଞ୍ଜ **୧୭/୨(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଦେଉକୁଣ୍ଡି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଅନ୍ତ ଚରଣ ହେମ୍ବ୍ରମଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଏସ୍ଏସ୍ଡି ଜାମଦାର ପ୍ରଧାନଶିକ୍ଷକ ଗୌରୀ ଶଙ୍କର ସା,ସମ୍ମାନୀୟ ଅତିଥି ସିଆଇ ଅକ୍ଷୟ କୁମାର ମହାନ୍ତ,ମୁଖ୍ୟବକ୍ତା ସମାଜସେବୀ ତଥା ଡକ୍ଟର ରାମପଦ ମହାନ୍ତ,ରମାପାହାଡ଼ି ସ୍କୁଲର ପ୍ର.ଶି ସୁରେନ୍ଦ୍ରନାଥ ମୁଣ୍ଡା,ତାରଣା ସ୍କୁଲର ସୁଦାମ ଦତ୍ତ,ହକିଲାବେଡ଼ା ସ୍କୁଲର ପ୍ର.ଶି ବାବୁଲୁ କୁମାର ଦାସ,ସିଆରସିସି ନିରଞ୍ଜନ ଗୋପ,ଏସ୍ଏମ୍ସି ଅଧକ୍ଷା




ଲକ୍ଷ୍ମୀ ହାଁସଦାଃ,ଶିକ୍ଷକ କାରାନ ଟୁଡୁ,ଆଲୋକ ଜେନା,ଜିତ୍ ସାମରାୟ ଲୋହାର,ଶିକ୍ଷୟତ୍ରୀ ସୁଶିଳା ପରାମାଣିକ,ଅନ୍ୟାନ୍ୟ କର୍ମଚାରୀ ଲକ୍ଷ୍ମୀ ଟୁଡୁ,ଦମୟନ୍ତୀ ସୋରେନ୍ ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି ଛାତ୍ରଛାତ୍ରୀଙ୍କ ସଫଳତା ଓ ଉନ୍ନତି ?ରେ ହିଁ ଶିକ୍ଷକର ଅସଲ ଖୁସି ଥାଏ। ଜଣେ ଶିକ୍ଷକ ସବୁବେଳେ ତା'ର ଛାତ୍ରଛାତ୍ରୀଙ୍କ ଅଧିକରୁ ଅଧିକ ଉନ୍ନତି କାମନା କରିଥାଏ। କାରଣ ଉତ୍ତମ ଶିଷ୍ୟ ହିଁ ଗୁରୁର ପରିଚୟ। ଆମ ଅନୁଷ୍ଠାନର ପିଲାମ ?ାନେ ଯେଉଁଠି ଥିଲେ ବି ଗୁରୁଙ୍କୁ ମନେପକାଉଛନ୍ତି। ତାହା ପିଲାଙ୍କ ମହାନତାକୁ ଦର୍ଶାଉଛି। ଏହି ଦୃଷ୍ଟିରୁ ଶିକ୍ଷକମାନେ ପିଲାଙ୍କୁ ଭଲ ପାଇବା, ସେମାନଙ୍କର ଚରିତ୍ର ନିର୍ମାଣ କରିବା ସହ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାସହ ପିତାମାତା ମଧ୍ୟ ସେମାନଙ୍କ ପିଲାଙ୍କୁ ସେଭଳି ଶିକ୍ଷା ଦେବା ଦରକାର। ସେମାନେ ପିଲାଙ୍କୁ ଅତ୍ୟଧିକ ଚାପଗ୍ରସ୍ତ କରାଇବା ଠିକ ନୁହେଁ। ଶିକ୍ଷକ ଓ ଅଭିଭାବକମାନେ ପିଲାମାନଙ୍କୁ ସବୁକ୍ଷେତ୍ରରେ ସହଯୋଗ କରିବା ଉଚିତ। ଏଭଳି ହେଲେ ସେମାନେ ଜୀବନର ସର୍ବୋଚ୍ଚ ଶିଖର ଛୁଇଁବାରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଅତିଥି ସମୂହ ବକ୍ତବ୍ୟ ମାଧ୍ୟମରେ କହିବା ସହ କୃତି ବିଦ୍ୟାର୍ଥୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।ଶେଷରେ ସିଦ୍ଧେଶ୍ୱର ମୁର୍ମୁ (ଘୁମାଳ ସ୍କୁଲ ପ୍ର.ଶି) ସାଧୁବାଦ ଅର୍ପଣ କରିଥିଲେ ।

## ପିରବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



କର୍ଲାମୁଣ୍ଡା **୧୭/୨(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସ୍ଥିତ ପିରବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅଷ୍ଟତମ ବାର୍ଷିକ ଉତ୍ସବ ୨୦୨୪,୨୫ ର ରବିବାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ରଣା ତତ୍ତ୍ୱାବଧାନରେ ହୋଇଥିବା ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, ମୁଖ୍ୟବକ୍ତା ହେମନ୍ତ କୁମାର ଚୈଧୁରୀ ଅଧ୍ୟକ୍ଷ ରିଷିଡା ଜେକେ କଲେଜ,ସମ୍ମାନିତ ଅତିଥି ବିଜୟ କୁମାର ପୁରୋହିତ ଅବସରପ୍ରାପ୍ତ ବିଇଓ କଲମପୁର,ଡୋଳମଣି ଭୋଇ,(କଜୋନ) ଭାଜପା ମଣ୍ଡଳ ସଭାପତି , ଏବଂ କଲେଜର ପ୍ରତିଷ୍ଠାତା ମୁରଲୀଧର ରଣା ଯୋଗଦେଇ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ମୁଳ ରାସ୍ତା ବୋଲି ଅତିଥି ମାନେ ନିଜ ମତବ୍ୟକ୍ତ କରିଥିଲେ। ଏଥିରେ ସଭାକାର୍ଯ୍ୟ ଓ ମଞ୍ଚପରିଚାଳନା ନିର୍ମଳ ରଣା ସଂଚ ପ୍ରମୁଖ ଏକଲ ଅଭିଯାନ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଏବଂ କୃତି ଛାତ୍ରଛାତ୍ରୀ ଙ୍କୁ ପୃରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇପ୍ସିତା ରଣା, ଭୂବନେଶ୍ୱର ଗହିର, ହରେକୃଷ୍ଣ ସାହୁ, ସୁମନ୍ତ ରଣା ବିଲାସୀନୀ ବାଗ ପ୍ରମୁଖ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମ ପରିଶେଷରେ ଅଧ୍ୟକ୍ଷ ଯଶୋବନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମାନ୍ଦୁରରେ କବିତା ପାଠୋତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ଯାଜପୁର **୧୭/୨(ନି.ପ୍ର):** ଦଶରଥପୁର ବ୍ଲକ ଅଧିନସ୍ଥ ଚନ୍ଦନ ଶ୍ରୀକ୍ଷେତ୍ର କଳା, ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଆଜି ନାରୀଗାଁ ବିରିପଟା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କବିତା ପାଠ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁଣଭଦ୍ରା ମହାବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ରାଉତ,ସମ୍ମାନିତ ଅତିଥି ଭାବେ ମନ୍ମଥ ଧଳ ଡିଗ୍ରୀ କଲେଜର ପ୍ରତିଷ୍ଠାତା ବିଜୟ ଧଳ,ବୈଜ୍ଞାନିକ ଡ଼ ଶଶଧର ମେଦିନି ସିଂ ମହାପାତ୍ର, ଗାଳ୍ପିକ ରାମଚନ୍ଦ୍ର ଦାଶ, ବରିଷ୍ଠ ଶିକ୍ଷାବିତ ଅକ୍ଷୟ ଧଳ, ପୂର୍ଣଚନ୍ଦ୍ର ସାମଲ,କବି ସୁବାସ ଚନ୍ଦ୍ର ମହାପାତ୍ର,କାମେଶ୍ୱର ପଣ୍ଡା,ଅଧିକାରୀ ନବକିଶୋର ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଭାଷା ସାହିତ୍ୟର ପ୍ରସାର ଦିଗରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିବା ବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଏବଂ କବି ଧୀରେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୦ରୁ ଉର୍ଦ୍ଧ୍ୱ କବି ଏହି କବିତା ପାଠୋତ୍ସବରେ ସ୍ୱରଚିତ କବିତା ପାଠ କରିଥିଲେ।

## ବାଲିଗୁଡା ଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହାମହୋତ୍ସବ



ବାଲିଗୁଡା **୧୭/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ସତସଙ୍ଗ କେନ୍ଦ୍ର ପରିସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମ ମହାମହୋତ୍ସବ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଏହି ଅବସରରେ ପ୍ରତ୍ୟୁଷରୁ ବେଦ ମାଙ୍ଗାଳିକ, ନହବତ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା, ପୂର୍ବାହ୍ନରେ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ଅପରାହ୍ନରେ ଶ୍ରୀ ଶ୍ରୀ ଠାକୁରଙ୍କ ଫୋଟ ଚିତ୍ର ରଖି ଏକ ସୁସଜିତ ରଥ ସହ ସଂକୀର୍ତ୍ତନ ମଣ୍ଡଳୀ ଙ୍କ ଦ୍ୱାରା ସମଗ୍ର ସହର ପରିକ୍ରମା କରାଯାଇଥିଲା । ସନ୍ଧ୍ୟା ବିନତୀ ପରେ ପରେ ସତସଙ୍ଗ ଓ ସଦଲୋଚନା କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଓ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ବାଲିଗୁଡା ସତସଙ୍ଗ ମଣ୍ଡଳୀ ସମେତ ଆଖପାଖ ସମସ୍ତ ମଣ୍ଡଳୀରୁ ଶତାଧିକ ଗୁରୁ ଭାଇ ଓ ମା ' ମାନେ ଯୋଗଦେଇ ଥିଲେ। ସ୍ଥାନୀୟ ସତସଙ୍ଗ କେନ୍ଦ୍ରର ସୁରେଶ ଚନ୍ଦ୍ର ମହାନ୍ତି,ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ,ଅଶ୍ୱିନୀ କୁମାର ଦାସ, ବଂଶୀଧର ସାହୁ, ସି. ଏଚ. ଦିଲ୍ଲୀପ କୁମାର ପାତ୍ର, ଅଖିଳ ବାରିକ, ସନ୍ତୋଷ କୁମାର ସାହୁ, ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ମାଳତୀ ମା, ଆରତୀ ମା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବଦଳିଲେ ପାଟଣା ତହସିଲଦାର, ଆସିଲେ କୌଶିକ ପଟ୍ଟନାୟକ

ପାଟଣା **୧୭/୨(ନି.ପ୍ର):** କେନ୍ଦୁଝର ଜିଲା ପାଟଣା ତହସିଲଦାର ଲୀଳାବତି ନାୟକଙ୍କ ର ଶନିବାର ବାଲେଶ୍ୱରକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। ସେହିଭଳି ବାଂଶପାଳ ତହସିଲଦାର କୌଶିକ ପଟ୍ଟନାୟକ ଙ୍କ ର ପାଟଣା ତହସିଲକୁ ତହସିଲଦାର ଭାବେ ବଦଳି ହୋଇଛି। ସୂଚନା ଯୋଗ୍ୟ ଯେ ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବାକୁ ଥିବାରୁ ରାଜ୍ୟ ସରକାର ଜଣେ ଅଭିଜ୍ଞ ଓ ଦକ୍ଷ ଅଫିସରଙ୍କୁ ପାଟଣା ତହସିଲକୁ ପଠାଇଥିବା ଆଲୋଚନା ହେଉଛି। ଏନେଇ ରାଜସ୍ୱ ବିପର୍ଯ୍ୟୟ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୬୨୮୮ ନମ୍ବରରେ ନିର୍ଦ୍ଦେଶ ଦିଆଯାଇଛି।

## ଗୋରୁଡଗୁଡା ନିକଟରେ ଟ୍ରାକ୍ଟର ଦୁର୍ଘଟଣା ଜଣେ ମୃତ

ନବରଙ୍ଗପୁର **୧୭/୨(ନି.ପ୍ର):** ଡାବୁଗାଁ ଥାନା ଅନ୍ତର୍ଗତ ଗୋରୁଡଗୁଡା ନିକଟରେ ଟ୍ରାକ୍ଟର ଦୁର୍ଘଟଣା ରେ ଜଣେ ମୃତ। ସୂଚନାଯୋଗ୍ୟ , ଆଜି ଅପରାହ୍ନ ୩ଘଣ୍ଟା ସମୟରେ ଗୋରୁଡଗୁଡା ନିକଟରେ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଜଣଙ୍କ ଚାଳକ ର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଯୁବକ ହେଉଛି ସିନ୍ଦିଭାଟା ଗ୍ରାମର ପୂରଣ ଗୌଡ଼ ବୟସ ୩୫ ବୋଲି ସୂଚନା ମିଳିଛି। ଅଗ୍ନି ଶ୍ରମ ବାହିନୀର କର୍ମଚାରୀ ମାନେ ମୃତ ଯୁବକକୁ ଉଦ୍ଧାର କରି ଡାବୁଗାଁ ମେଡିକାଲ କୁ ନେଇଥିଲେ ।ମୃତକ ର ପାରିବ ଡାବୁଗାଁ ଥାନାରେ ଏକ ଲିଖିତ ଭାବରେ ଜଣାଇବା ପରେ ପୋଲିସ ର ତଦନ୍ତ ଆରମ୍ଭ କରୁଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣାଟି ଜଣାପଡିବ।

# କନ୍ଧମାଳ ଜିଲ୍ଲାରେ ନିର୍ମାଣ ଶ୍ରମିକ ସମାରୋହ ଅନୁଷ୍ଠିତ

ଫୁଲବାଣୀ ତା ୧୭ / ୦୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଆଜି ଫୁଲବାଣୀ କୋର୍ଟ ଛକସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ କନ୍ଧମାଳର ମାନ୍ୟବରସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରମିକମାନେ ଦେଶବା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ହେଲେ ଦେଖାଯାଏ ଯେ ସେମାନେ ସମାଜ ରେ ଏବେବି ଅବହେଳିତ ଓ ଦାରିଦ୍ରର ସୀମା ରେଖା ତଳେ ରହିଥାନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରବହୁ ବ୍ୟବସ୍ଥା କରିଛନ୍ତି ଯେପରିକି,ଶ୍ରମିକମାନଙ୍କ ପିଲାଙ୍କ ପାଇଁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଶ୍ରମିକମାନଙ୍କ ପିଲାଙ୍କ ପାଇଁ ବିବାହ ସହାୟତା ଓ ପ୍ରସୁତିକାଳୀନ ସହାୟତା, ଏହି ଏହି ସବୁ ବିଷୟରେ ରେ ସମସ୍ତ ଶ୍ରମିକ ଭାଇ ଭଉଣୀ ମାନେ ସଚେତନ ହୋଇ ଏହାର ଲାଭ ଉଠାଇ ନେବାକୁ ଅନୁରୋଧ କରିବା ସହିତ ପିଲାମାନଙ୍କୁ କାମରେ ନ ଲଗେଇ ପାଠ ପଢେଇ ଭଲ ମଣିଷକରିବାକୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଥିଲେ ଯେ ଶ୍ରମିକମାନଙ୍କର କେବଳ ରାଜ୍ୟ ବା ଦେଶରେ ନୁହେଁ ବିଶ୍ୱରେ ବଡ଼ ଅବଦାନ ରହି ରହିଛି । ସରକାର ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ କହଁର ପ୍ରାରମ୍ଭିକ ଭାଷଣରେ ଜିଲ୍ଲାରେ ଚାଲିଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅଣ ପଞ୍ଜିକୃତ ଶ୍ରମିକ ଯାହାରବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ , ସେମାନେ ଆବଶ୍ୟକୀୟ କାଗଜାତ ଦେଇ ପଞ୍ଜିକରଣ କରି ସରକାରଙ୍କଯୋଜନାର ଲାଭ ନେବାକୁ ଅନୁରୋଧ କରିଥିଲେ । ଜିଲ୍ଲାରେ ଆର୍ଥିକ ବର୍ଷ ବର୍ଷ ୨୦୨୪-୨୫ ୨୪-୨୫, ଫେବୃଆରୀ ୧୬ ତାରିଖ ରେ ୭୪୭ ଜଣ ହିତାଧିକାରୀଙ୍କୁ ଭିନ୍ନ ଭିନ୍ନ ସହାୟତା ରାଶି ଆକାରରେ ପ୍ରାୟ ୧ କୋଟି ୯୪ ଲକ୍ଷ ୪୪ ହଜାର ୪ପ୍ରଦାନ କରାଯାଇଥିବାର ସୂଚନା ଦେଇଥିଲେ । ଆଜି ଅତିଥିମାନଙ୍କ ଦ୍ୱାରା ୨୧୯ ଜଣ ଭିନ୍ନ ଭିନ ଭିନ୍ନ ହିତାକାରୀଙ୍କୁ ପ୍ରାୟ ୧ କୋଟି ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ୨୦୦ ରେ ଗୋଟି ନିର୍ମାଣ ଶ୍ରମିକ ଆଇ.ଡି କାର୍ଡ ଓ ୫୦ ଗୋଟି ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇ.ଡି କାର୍ଡ ମଧ୍ୟ ପ୍ରଦାନ କରାଯାଇଥୁଲା । ଶେଷରେ ଡିଭିଜନାଲ୍ ଶ୍ରମ କମିଶନର୍ ଶ୍ରୀ ତେଜ୍ କୁମାର ବାଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଏହି ସମାରୋହରେ କନ୍ଧମାଳ ସାଂସଦ ପ୍ରତିନିଧି ଶ୍ରୀ ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି, ଡେପୁଟି କଲେକ୍ଟର ଶ୍ରୀ ସୁମନ କୁମାର ଡୁଙ୍ଗ୍ ଡୁଙ୍ଗ୍, ସହକାରୀ କଲେକ୍ଟର ଶ୍ରୀ ବିବେକନନ୍ଦ ସାମଲ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା,ସଂଗଠିତ ଓ ଅଣ ସଂଗଠିତ ଶ୍ରମିକ, ସରକାରୀ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।





## ୧୯୮୬ ମସିହା ମାଟ୍ରିକ ବ୍ୟାଚର ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ



ଜଗତସିଂହପୁର ତା ୧୭/୨(ନିପ୍ର)ରଘୁନାଥପୁର ନିକଟସ୍ଥ ସିର୍ଲୋ ନବଗ୍ରାମ ଉଚ୍ଚବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ରବିବାର ବିଦ୍ୟାଳୟ ପରିଷରରେ ଗୁରୁପୂଜନ, ବୃକ୍ଷରୋପଣ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗ୍ରାମର ସହିଦ୍ କୃଷ୍ଣ ଚନ୍ଦ୍ର ସାହୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ଆହ୍ୱାନରେ ବିଦ୍ୟାଳୟ ପରିଷରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।ଏହି ଉପଲକ୍ଷେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ର ତଥା ବର୍ତ୍ତମାନର ରଘୁନାଥପୁର ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଆସୁତୋଷ ବାନାର୍ଯୀ ଙ୍କ ସଂଯୋଜନାରେ ଏକ ସଭାକାର୍ଯ୍ୟର ଆୟୋଜନ କରାଯାଇଥିଲା। ଏଥିରେ ଗୁରୁ ଶ୍ରୀ ସୁମନ୍ତଚନ୍ଦ୍ର ସାହୁ, ଶିବରାମ ପୃଷ୍ଟି, ଅଶ୍ୱନୀ କୁମାର ସିଂହ, ନିର୍ମଳା ସେନାପତି, ମହମଦ ଅଫସର, ସୁକାନ୍ତ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି, ପ୍ରାଣକୃଷ୍ଣ ଦାସ ଓ ନକୂଳ ମଲ୍ଲିକ ଙ୍କୁ ଛାତ୍ରଛାତ୍ରମାନେ ଗୁରୁ ବନ୍ଦନାକରି ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଗୁରୁ ମାନେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ମାଧ୍ୟମରେ କହିଥିଲେ ବର୍ତ୍ତମାନ ସମାଜରେ ଶିକ୍ଷାର ମୂଲ୍ୟବୋଧ ଅବକ୍ଷୟ ଘଟିଛି ତୁମେ ମାନେ ଆମ୍ଭମାନଙ୍କଠାରୁ ଗ୍ରହଣ କରିଥିବା ଶିକ୍ଷାକୁ ଆଧାର କରି ତୁମପିଲାମାନଙ୍କୁ ଏକ ଭଲମଣିଷ କରି ଗଢିତୋଳ ବୋଲି ପରାର୍ମଶ ଦେଇ ଆର୍ଶୀବାଦ ପ୍ରଦାନ କରିଥିଲେ।ଏଥିରେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ଏକତ୍ରୀତ ହୋଇ ସୁଖ, ଦୁଖ ଆଦନ ପ୍ରଦାନ ବାଣ୍ଟିଥିଲେ। ପ୍ରତି ବର୍ଷ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ବ୍ୟବସ୍ଥା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ।ଶେଷରେ ଆୟୋଜନ କରଯାଇଥିବା ଭୋଜି ଭାତର ମଜାନେଇଥିଲେ ସମସ୍ତେ।ସରତ ଚନ୍ଦ୍ର ଦାସ, ପିତାମ୍ବର ବାରିକ, ଶାମସୁନ୍ଦର ସାହୁ, ଅଭିରାମ ଦାସ, ଚନ୍ଦ୍ର ଶେଖର ମାଦେଳି, ମହମଦ ଆଜିଜ, ପ୍ରଶାନ୍ତ ମହାରଣା, ରାମଚନ୍ଦ୍ର ସେଠୀ, କୈଳାସ ଦାସ, ପ୍ରମୁଖ ଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ହୋଇଥିଲା।

## ନ୍ୟାଯ୍ୟ ଅଧିକାର ଦାବିରେ ଦେହେରିଆ ସଂଘ ଏବଂ କନ୍ଧସମାଜ ମହାମେଳି



ଭବାନୀପାଟଣା ତା ୧୭/୨/(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶୈବପୀଠ ସୀମାନ୍ତରେ ଥିବା ସଇଁତଲା ବ୍ଲକ ଖୁସମାଳ ମାଝୀ ଦେଶ ଠାରେ କନ୍ଧସମାଜ ଏବଂ ବେଲଖଣ୍ଡି ଦେହେରିଆ ସଂଘ ର ମହାମେଳି ହୋଇଥିଲା କନ୍ଧସସ୍କୃତି ପରମ୍ପରା ଏବଂ ବେଲଖଣ୍ଡି ଶୈବପୀଠ ଠାରେ ଦୁଇଗୋଟି ଟ୍ରଷ୍ଟ ନାଁରେ କୁଷ୍ମାର ଘାତ ଆଦିକାଳରୁ କନ୍ଧସମାଜ ଓ ଦେହେରିଆ ସଂଘ ପୂଜା କରିଆସୁଥିବା ବେଳେ ଟ୍ରଷ୍ଟ ନାଁରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇ ମହାମେଳି ହୋଇଥିଲା।କେନ୍ଦ୍ରିୟ କମିଟି ସଭାପତି ଚିନ୍ତାମଣି ଭୋଇ ସଂପାଦକ ପ୍ରଦିପ କୁମାର ମାଝି,ଦେହେରିଆ କମିଟି ସଭାପତି ଧିରେନ୍ଦ୍ର ମାଝୀ, ଅଧ୍ୟକ୍ଷତାରେ ମହାମେଳି ହୋଇଥିଲା ପ୍ରଥମେ ମାଝୀ କନ୍ଧସମାଜ ର ପତାକା ଉତ୍ତୋଳନ କରି ଅନ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ଏବଂ ଏକ ବିରାଟ ପଟୁଆରରେ ବାଜା ନିଶାନ ଅନ୍ତ୍ରଶସ୍ତ୍ର ସହିତ ନଗରପରିକ୍ରମା କରିଥିଲେ। ନଗର ପରିକ୍ରମା ସାରିଲା ପରେ ମହାସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ କନ୍ଧସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାହାଣ୍ଡି ଐତିହାସିକ ବେଲଖଣ୍ଡି ଶୈବପୀଠରେ ଟ୍ରଷ୍ଟ ନାଁରେ ପ୍ରତାରଣା ଅନୀତି ଦୁର୍ନୀତି ମନମୁଖୀ କାର୍ଯ୍ୟ ହେଉଥିବାରୁ ଆଗାମୀ ଦିନରେ କନ୍ଧସମାଜ, ଦେହେ ଲିଆ ସଂଘ ପକ୍ଷରୁ ଏକ ବିରାଟ ଆନ୍ଦୋଳନ କରିବା କୁ ନିଷ୍ପତ୍ତି ନେଇଛନ୍ତି।ଏହି ସଭାରେ ମାର୍କଣ୍ଡ ପ୍ରଧାନୀ, ସାମ୍ବାଦିକ ସୁଶାନ୍ତ ମଲ୍ଲିକ ମହେନ୍ଦ୍ର ପ୍ରଧାନୀ,ପୁରୁଷୋତ୍ତମ ଭୋଇ, ସୁମନ୍ତ ମାଝୀ,ମେନେଜର ଭୋଇ, ସଂକ୍ଲିତନ ଭୋଇ, ରାଧେଶ୍ୟାମ ମାଝୀ, ଯୁଧିଷ୍ଠିର ଯାନୀ, ଅରବିନ୍ଦ ମାଝୀ,ତର୍କ ଭୋଇ,କୁମର ଭୋଇ, ତ୍ରିନାଥ ଭୋଇ, ରାଜେନ୍ଦ୍ର ମାଝୀ, ପ୍ରମୁଖ ଶତାଧିକ ଦେହେରିଆ ସଂଘ ସଦସ୍ୟ ଓ କନ୍ଧସମାଜ ଜାତିଭାଇ ଯୋଗଦେଇ ଆଦିବାସୀ ପରମ୍ପରା ସଂସ୍କୃତି ଅଧିକାର ଉପରେ ମତବ୍ୟକ୍ତ କରିଥିଲ।

## କନ୍ଧମାଳ ଜିଲ୍ଲାପାଳ ଯକ୍ଷ୍ମା ଓ ରକ୍ତ ଶିକୁଳୀ ରୋଗ ନିରାକରଣ ପାଇଁ ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ସହ ଚୁକ୍ତି ସ୍ୱାକ୍ଷରିତ

ଫୁଲବାଣୀ ତା ୧୭ /୦୨ ( ଜଗନ୍ନାଥ ଏକ୍ସପ୍ରେସ ) କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ଓଡିଶା ଙ୍କ ମଧ୍ୟରେ ଜିଲ୍ଲାରେ ଯକ୍ଷ୍ମା ଓ ରକ୍ତ ଶିକୁଳୀ ରୋଗର ଉପଚାର ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି ଏହି ଅବସରରେ ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ଓଡିଶାଙ୍କ ତରଫରୁ ସାଧାରଣ ପ୍ରବନ୍ଧକ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ବେହେରା ତଥା ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା ଓ.ପ୍ର.ସେ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢି ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) କନ୍ଧମାଳ ଡାକ୍ତର ପ୍ରସନ୍ନ କୁମାର ତ୍ରିପାଠୀ, ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ କନ୍ଧମାଳ ଡାକ୍ତର କଲ୍ୟାଣୀ ମିଶ୍ର, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଶ୍ରୀ ମନୋରଂଜନ ସାହୁ, ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ଓଡିଶା (ଉଦ୍ୟୋଗିକ ସାମାଜିକ ଦାୟିତ୍ୱ ପାଣ୍ଠି) ସହ ପରିଚାଳକ ଶ୍ରୀ ଅରବିନ୍ଦ ସାହୁ, ଜିଲ୍ଲା ଯକ୍ଷ୍ମା ସଂଯୋଜକ ଶ୍ରୀ ସଞ୍ଜୟ କୁମାର ସାହୁ, ଜିଲ୍ଲା ଗୁଣବତ୍ତା ପରିଚାଳକ ଶ୍ରୀଯୁକ୍ତ ଦୁଷ୍ମନ୍ତ ସୁତାର, ଜିଲ୍ଲା ଅଣ ସଂକ୍ରାମକ ରୋଗ ପରିଚାଳକ ଶ୍ରୀ ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ ।ଏହା ଦ୍ୱାରା ଜିଲ୍ଲାରେ ରକ୍ତ ଶିକୁଳି ରୋଗରେ ପୀଡିତ ଥିବା ରୋଗୀ ମାନେ ଉତ୍ତମ ଚିକିତ୍ସା ସୁବିଧା ପାଇବା ସହିତ ସରକାର ଙ୍କ ଦ୍ୱାରା ବ୍ୟସବସ୍ଥିତ ସମସ୍ତ ପାରି ପାର୍ଶ୍ୱିକ ସୁବିଧା ମଧ୍ୟ ପାଇପାରିବେ ବୋଲି ଚୁକ୍ତିରେ ଉଲେଖ କରାଯାଇଛି, ହେଲେ ଚୁକ୍ତି ଅନୁଯାଇ କନ୍ଧମାଳ ଜିଲ୍ଲା ମେଡିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲ ଫିଲଡ ବୁର୍ଲା ଙ୍କ ମିଳିତ ଉଦ୍ୟମ ରେ ସମସ୍ତ ପ୍ରକାର ବ୍ୟବସ୍ଥିତ ସୁବିଧା ରୋଗୀଙ୍କ ନିକଟରେ ପହଂଚି ପାରୁଛି କି ନାହିଁ ତାହା ହିଁ ଆଗାମୀ ଦିନରେ ଦେଖିବାକୁ ମିଳିବ । ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ଓଡିଶା (ଉଦ୍ୟୋଗିକ ସାମାଜିକ ଦାୟିତ୍ୱ ପାଣ୍ଠି ) ତରଫରୁ କନ୍ଧମାଳ ଜିଲ୍ଲାରେ ଯକ୍ଷ୍ମା ରୋଗର ଉପଚାର ପାଇଁ ମୋଟ ୪,୧୧,୦୦,୦୦୦ ( ଚାରି କୋଟି ଏଗାର ଲକ୍ଷ ଟଙ୍କା ) ଓ ରକ୍ତ ଶିକୁଳୀ ରୋଗ ନିରାକରଣ ପାଇଁ ମୋଟ ୨,୯୧,୬୦,୦୦୦ ( ଦୁଇ କୋଟି ଏକାନବେ ଲକ୍ଷ ଷାଠିଏ ହଜାର ଟଙ୍କା), ଏହିପରି ସର୍ବମୋଟ ୭,୦୨,୬୦,୦୦୦ ( ସାତ କୋଟି ଦୁଇ ଲକ୍ଷ ଷାଠିଏ ହଜାର ଟଙ୍କା ଟଙ୍କା ) ଜିଲ୍ଲା ପ୍ରଶାସନ କୁ ପ୍ରଦାନ କରିବା ପାଇଁ ସ୍ଥିର ହୋଇଛି । ଏହି ପ୍ରଦତ୍ତ ଅର୍ଥ ରାଶି ଜିଲ୍ଲାରେ ଥିବା ୧୪୦୨ ଯକ୍ଷ୍ମା ରୋଗୀଙ୍କୁ ଜଣଙ୍କୁ ୬ ମାସ ପାଇଁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଯୋଜନା କରାଯାଇଛି । ସେହିପରି ଜିଲ୍ଲାରେ ୨୪୨୯୭ ଜଣ ରକ୍ତ ଶିକୁଳୀ ରୋଗୀ ଥିଲା ବେଳେ ରୋଗୀ ମାନଙ୍କର ଚିହ୍ନଟ ପାଇଁ ଉନ୍ନତ ଯନ୍ତ୍ରପାତି ଯୋଗାଣ ଓ ଏହି ରୋଗର ଭୟବହତା ବିଷୟରେ ସଚେତନତା କାର୍ଯ୍ୟ କ୍ରମ ପାଇଁ ଉକ୍ତ ପ୍ରଦାନ ରାଶି ଖର୍ଚ୍ଚ କରାଯିବ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ମହାନଦୀ କୋଲ ଫିଲଡ ଲିମିଟେଡ ବୁର୍ଲା ଓଡିଶାର ଉପସ୍ଥିତ କର୍ମକର୍ତ୍ତାଙ୍କୁ କନ୍ଧମାଳ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ସମ୍ବେଦନଶୀଳତା ପାଇଁ ସମସ୍ତ ଜିଲ୍ଲା ବାସୀ,ସମସ୍ତ ଯକ୍ଷ୍ମା ରୋଗୀ ଓ ରକ୍ତ ଶିକୁଳୀ ରୋଗୀ ଙ୍କ ତରଫରୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଶେଷରେ ଜିଲ୍ଲାର ଉନ୍ନତି ପାଇଁ ବିଭିନ୍ନ ସଂସ୍ଥା ସହ ସହବନ୍ଧନ କରି କନ୍ଧମାଳ ଜିଲ୍ଲାର ଉନ୍ନତି ପାଇଁ ସଦା ସର୍ବଦା ଉଦ୍ୟମରତ ରତ କନ୍ଧମାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ଅମୃତ ରତୁରାଜ ଭା.ପ୍ର.ସେ ଙ୍କୁ ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ଅଶେଷ ଧନ୍ୟବାଦ ଅର୍ପଣ କରାଯ ରାଯାଇଥିଲା ।







## ମାନଝରି ଗ୍ରାମ ପଞ୍ଚାୟତ,ପ୍ରାଙ୍ଗଣ ରେ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ



ଗୋଲାମୁଣ୍ଡା, ୧୭/୨(ସୁରେନ୍ଦ୍ର କୁମାର ଭୋଇ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଆଇସି ଡିଏସ ପ୍ରକଳ୍ପ,ମାନଝରି ମଣ୍ଡଳ ତରଫ ରୁ ମାନଝରି ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣ ରେ କିଶୋରୀ ବାଳିକା ଏବଂ କିଶୋର ମେଳା ଅନୁଷ୍ଠିତ ହୋଇଯାଇଛି। ଭାନୁମତି ସୁନାନୀ ଅଧକ୍ଷତା କରିଥିବା ଉତ୍ସବ ମେଳାରେ ମୁଖ୍ୟ ଅତିଥି ଭାବେ ମହିଳା ପରିଦର୍ଶିକା ପଦ୍ମାବତୀ ସାହୁ ,ସମ୍ମାନିତ ଅତିଥି ଭାବେସମାଜସେବୀ ରମାକାନ୍ତ ପଟେଲ, ରମଣ ମହାନନ୍ଦ, ନିରଞ୍ଜନ ନାଏକ, ଗୋକୁଳ,ପଟେଲ,ଖଗେଶ୍ୱର ଅଘରିଆ,ରୁକଚନ ଆଘରିଆ ଯୋଗଦାନ ଦେଇଥିଲେ । କିଶୋରୀ ବାଳିକା ଓ କିଶୋର ବାଳକ ମାନେ ଉପସ୍ଥିତ ରହି ବାଲ୍ୟବିବାହ ବିଷୟ ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଗୀତ,ବକ୍ତୃତା, ଡିବେଟ ପରି ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ,ଦ୍ୱିତୀୟ,ସ୍ଥାନ ଅକ୍ତିଆର କରିଥିବା ବିଜେତା କିଶୋରୀ ବାଳିକା ଏବଂ କିଶୋର ବାଳକ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ମାନଝରି ଗ୍ରାମ ପଞ୍ଚାୟତ ର ସମସ୍ତ ଅଙ୍ଗନୱାଡି କର୍ମୀ ଜ୍ୟୋତି ବାଗ, ଲକ୍ଷ୍ମୀ ହରିଜନ, ନିହରିକା ହରିଜନ, ଚାତୁରୀ ପଟେଲ,ବେଲ ପଟେଲ, ,ଗୋଲାପି ବାଗ,କାନ୍ତି ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିତେନ ତାଣ୍ଡି ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

## ରାତି ଅଧରେ ବିବାଦୀୟ ବସୂପୁରୁ ବାଲି ଘାଟରେ ଚଢ଼ାଉ । ୩ ପୋକ୍ଲିନ୍ ଜବତ୍



କେନ୍ଦ୍ରାପଡ଼ା( ୧୭/୦୨ )ଡେରାବିଶ ତହସିଲ ଅଧିନସ୍ଥ ବସୂପୁରୁ ଲୁଣା ନଦୀ ଘାଟରେ ଚାଲିଥିବା ବସୁପୁରୁ ବାଲି ସୈରାତ ରେ ରାତି ଅଧରେ ଜିଲ୍ଲା ପ୍ରଶାସନ ଏବଂ ଖଣି ବିଭାଗର ମିଳିତ ଚଢଉ । ୩ ପୋକଲିନ କୁ ଉଠାଇନେଇ ସଦର ପୋଲିସ ର ଜିମା ଦେଲା ଖଣି ବିଭାଗ ।ଖଣି ବିଭାଗର କହିବା ଅନୁଯାଇ ଖଣି ବିଭାଗର ନିୟମ ନମାନି ନିୟମିତ ଶତାଧିକ ହାଇୱା ଲଗାଇ ପୋକଲିନ୍ ସାହାର୍ଯ୍ୟରେ ଏଠାରୁ ବାଲି ଉଠା ଯାଉଥିଲା । ଯାହାଫଳରେ ଦିନକୁ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେବାରୁ , ଗତ କିଛିଦିନ ତଳୁ ଗୋଟେ ଟ୍ରିପ୍ ବାଲି ନ ଉଠାଇବାକୁ ଖଣି ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । କିନ୍ତୁ ବାଲି ସୈରାତ ର ପ୍ରକୃତ ଲେସୀଙ୍କ ଅନୁପସ୍ଥିତିରେ କିଛି ଅସାଧୁ ବାଲି ବ୍ୟବସାୟୀ ଖଣି ବିଭାଗର ନିର୍ଦ୍ଦେଶକୁ ନମାନି ଦିନରାତି ପୋକ୍ଲିନ୍ ସାହାର୍ଯ୍ୟରେ ବାଲି ଉଠାଉଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆ କରି ଆସିଥିବା ଉପଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ପୋଲିସ ଟିମ ସାହାର୍ଯ୍ୟରେ ଗତ ରବିବାର ରାତି ପ୍ରାୟ ୧୧ଟା ସମୟରେ ଚଢ଼ାଉ କରି କାର୍ଯ୍ୟରତ ଥିବା ୩ଟି ପୋକ୍ଲିନ୍ କୁ କାବୁ କରିଥିଲେ , ଯାହା ଫଳରେ କାର୍ଯ୍ୟରତ ୩ ପୋକ୍ଲିନ୍ ଅପରେଟର ସେଠାରୁ ଚମ୍ପଟ ମାରିଥିଲେ ।

## ଦିବ୍ୟାଙ୍ଗଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା ଘୋଷଣା ରେ ସରକାରୀ ସାହାୟତା

ଯାଜପୁର,୧୭/୨ : ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ଚାନ୍ଦମା ଗ୍ରାମର ଭିନ୍ନକ୍ଷମ ପୁଅ ଉମେଶ ଚନ୍ଦ୍ର ସାହୁଙ୍କୁ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ମିଳୁ ନଥିବା ଫ ଅଭିଯୋଗ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ କି ଅନ୍ତୋଦୟ ଯୋଜନାରେ ମଧ୍ୟ ତାଙ୍କୁ ସାମିଲ କରାଯାଇ ନାହିଁ ବୋଲି ତାଙ୍କ ବାପା ରାଜେନ୍ଦ୍ର କୁମାର ସାହୁ ଜିଲ୍ଲାପାଳଙ୍କ ନିକଟରେ ଗତ ୧୨ତାରିଖ ରେ ଅଭିଯୋଗ କରିଥିଲେ । ଉମେଶ ଜନ୍ମରୁ ଭିନ୍ନକ୍ଷମ ସେ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ରହିଛି। ପୂର୍ବ ଧାର୍ଯ୍ୟ ଅନୁଯାୟୀ ସେ ୧୨୦୦ଟଙ୍କା ଭତ୍ତା ପାଉଛନ୍ତି । ବର୍ଦ୍ଧିତ ଭତ୍ତା ପାଇଁ ଅନ୍ ?ଲାଇନ ଯୋଗେ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳିନାହିଁ ବୋଲି ରାଜେଶ କହିଛନ୍ତି। ଅଭିଯୋଗ କରାଯିବା ପରେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତାଙ୍କ ନିକଟକୁ ଏ ସମ୍ପର୍କରେ ଫୋନ୍ କଲ୍ ଆସିଥିବା ସେ କହିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ସେ ନିବେଦନ କରିଛନ୍ତି !

**Social Organization for Voluntary Action (SOVA)**
Affiliated by Maharshi Sandipani Rashtriya Veda Sanskrit Shikhya Board , Ujjain, Ministry of Education, Govt. of India
At/Po- Raj Ranpur, Dist- Natagarh, Pin- 752026,Odisha
Contact No.- 9178950470 & 8763329370 E mail- sovaindia@gmail.com

**TEACHERS REQUIRED (1 Post Each )**
**For Shree Krishna Dvaipayana Veda Pathashala running by SOVA**

**Mathematics + English** – 1 Post. Minimum age – 25years. along with 1- year experience , Qualification:- B.Sc.(PCM) /M.Sc. (PCM) ,M.Sc. B.Ed. will be given preference, Monthly Salary- Rs 25,000/- (Rupees Twenty five thousand only)
**Sanskrit- Social Science** — 1 Post , Minimum age 25 years along with **1** year of experience , Qualification:- B.A.(Sanskrit) /M.A(Sanskrit) M.A. B.Ed. will be given preference, Monthly Salary- Rs 30,000/- (Rupees Thirty thousand only).
Candidates with basic knowledge of Yoga & Computer.
The terms & conditions for the above 2 post will be as per MSRVVP , Ujjain.
Interested candidates please apply with Bio data, Copy of self attested Aadhar card, with all educational certificates / documents on or before dt. 15-02-2025

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com
Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ